୬ ▶ ଜାପାନକୁ ୭-୦ରେ ହରାଇ କ୍ୱାର୍ଟର ଫାଇନାଲରେ ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ-୩୩ ● ସଂଖ୍ୟା-୨୨୦ ● ୯ ସେପ୍ଟେମ୍ବର ୨୦୨୬ ବୁଧବାର ● ଭୁବନେଶ୍ୱର ● Vol -33 ● Issue-220 ● 9th September 2026, Wednesday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27


## ମୁଖ୍ୟମନ୍ତ୍ରୀଙ୍କ ୫ ଦିନିଆ ୟୁଏଇ ଗସ୍ତ

# ପୁଞ୍ଜି ଆକର୍ଷଣ ପାଇଁ ନିବେଶକ ଓ ଶିଳ୍ପପତିଙ୍କ ସହ କରିବେ ଆଲୋଚନା



**ଭୁବନେଶ୍ୱର, ୮ ।୯**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ମଧ୍ୟ ପ୍ରାଚ୍ୟ ରାଷ୍ଟ୍ର ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)କୁ ପାଞ୍ଚ ଦିନିଆ ଗସ୍ତରେ ଯାଇଛନ୍ତି । ମଙ୍ଗଳବାର ମୁଖ୍ୟମନ୍ତ୍ରୀ ପ୍ରଥମେ ନୂଆଦିଲ୍ଲୀ ଯାଇ ସେଠାରୁ ଆବୁଧାବି ଗସ୍ତ କରିଛନ୍ତି । ଓଡ଼ିଶାରେ ରପ୍ତାନିଭିତ୍ତିକ ଶିଳ୍ପର ଅଭିବୃଦ୍ଧି ତଥା ବିଶ୍ୱସ୍ତରୀୟ ପୁଞ୍ଜିନିବେଶକଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ୯ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଗସ୍ତ କରିବାର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ୟୁଏଇ ଗସ୍ତର ଅବ୍ୟବହିତ ପୂର୍ବରୁ ରାଜ୍ୟ ସରକାରଙ୍କ ଶିଳ୍ପ, ଗୃହ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଗସ୍ତ କାର୍ଯ୍ୟକ୍ରମ ଏବଂ ଶିଳ୍ପପତି ଓ ନିବେଶକଙ୍କ ସହ ହେବାକୁ ଥିବା ଆଲୋଚନା ବୈଠକର ପ୍ରସ୍ତୁତି ଓ ସମନ୍ୱୟ ନେଇ ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଆବୁଧାବିରେ ବିଦେଶୀ ଶିଳ୍ପପତି ଏବଂ ନିବେଶକଙ୍କ ସହ ରାଉଣ୍ଡ ଟେବୁଲ ଆଲୋଚନା ବୈଠକ ଏବଂ ରୋଡ ସୋ' କାର୍ଯ୍ୟକ୍ରମ ରହିଛି ବୋଲି ସେ ସୂଚନା ଦେଇଛନ୍ତି। ଓଡ଼ିଶାରେ କୌଶଳ ବିକାଶ (ସ୍କିଲ୍ ଡେଭେଲପମେଣ୍ଟ), ମାଇନିଂ, ମେଟାଲର୍ଜି, ପେଟ୍ରୋ କେମିକାଲ୍ସ, ଗ୍ରୀନ୍ ଏନର୍ଜି ଆଦି ୫ଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ବିଦେଶୀ ନିବେଶକଙ୍କ ସହ ମୁଖ୍ୟତଃ ଆଲୋଚନା ହେବ। ଦୁବାଇରେ ହେବାକୁ ଥିବା ତିନିଦିନିଆ କାର୍ଯ୍ୟକ୍ରମରେ ବିଦେଶୀ ପୁଞ୍ଜିନିବେଶ (ଏଫଡିଆଇ) ଏବଂ ବାଣିଜ୍ୟିକ ସମ୍ପର୍କ ସ୍ଥାପନ ଉପରେ ଆଲୋଚନା ହେବ ବୋଲି ଶ୍ରୀ ଶର୍ମା ସୂଚନା ଦେଇଛନ୍ତି।

ଆବୁଧାବିଠାରେ ଓଡ଼ିଶା ସରକାରଙ୍କ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ୟୁଏଇର ପ୍ରମୁଖ ନିବେଶକାରୀ ସଂସ୍ଥା, ଫଣ୍ଡ ହାଉସ୍ ଏବଂ ଆର୍ଥିକ ଅନୁଷ୍ଠାନଗୁଡ଼ିକ ସହ ଓଡ଼ିଶାରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫଡିଆଇ) ନେଇ ଆଲୋଚନା କରିବାର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି। ଦୁବାଇରେ ଏକାଧିକ ଶିଳ୍ପପତି, ଭିତ୍ତିଭୂମି ବିକାଶକାରୀ ଏବଂ ଲଜିଷ୍ଟିକ୍ସ କମ୍ପାନୀ ସହ ସେକ୍ଟରାଲ୍ ରାଉଣ୍ଡଟେବୁଲ୍ (ବିଭାଗୀୟ ଆଲୋଚନା ଚକ୍ର) ଓ ୱାନ୍-ଟୁ-ୱାନ୍ ମିଟିଂ ଅନୁଷ୍ଠିତ ହେବ । ଏହାବ୍ୟତୀତ ୟୁଏଇରେ ରହୁଥିବା ପ୍ରବାସୀ ଭାରତୀୟମାନଙ୍କ ସହ ମଧ୍ୟ ପ୍ରତିନିଧି ଦଳ ଏବଂ ମୁଖ୍ୟମନ୍ତ୍ରୀ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହାଦ୍ୱାରା ଓଡ଼ିଶା ସହିତ ଅନ୍ତର୍ଜାତୀୟ ବ୍ୟବସାୟିକ ସମ୍ପର୍କକୁ ଆହୁରି ମଜଭୁତ କରାଯାଇପାରିବ। ଓଡ଼ିଶାରେ ଥିବା ପ୍ରାକୃତିକ ସମ୍ପଦ ଏବଂ ବନ୍ଦରଗୁଡ଼ିକର ସୁବିଧାକୁ ବିନିଯୋଗ କରି ରପ୍ତାନୀ ବୃଦ୍ଧି ଉପରେ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ଗସ୍ତ ସମୟରେ ଧାତୁ *(ପୃଷ୍ଠା ୭ରେ)*

# ବିକଶିତ ଭାରତ ପାଇଁ ଜେନ୍-ଜେ ସହଯୋଗ ଏବଂ ସମର୍ଥନ ଆବଶ୍ୟକ



**ଗାନ୍ଧୀନଗର, ୮ ।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର କହିଛନ୍ତି ଯଦି ଭାରତକୁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏ.ଆଇ) କ୍ଷେତ୍ରରେ ଏକ ବିଶ୍ୱ ମହାଶକ୍ତି ହେବାକୁ ଅଛି, ତେବେ ଦେଶକୁ ଏଥିପାଇଁ ଏକ ଶକ୍ତିଶାଳୀ ଇକୋସିଷ୍ଟମ ସୃଷ୍ଟି କରିବାକୁ ପଡିବ। ସେ କହିଥିଲେ ଯେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷେତ୍ରରେ କୁଶଳୀ ଯୁବକମାନଙ୍କ ଆବଶ୍ୟକତା କେବଳ ଆଇ. ଟି. କ୍ଷେତ୍ରରେ ସୀମିତ ନୁହେଁ, ବରଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କୃଷି, ସ୍ୱାସ୍ଥ୍ୟ, ଉତ୍ପାଦନ ଏବଂ ରୋବୋଟିକ୍ସ ସମେତ ପ୍ରତ୍ୟେକ କ୍ଷେତ୍ରରେ ନୂତନ ସମାଧାନ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ। ସେ କହିଥିଲେ ଯେ ଯୁବକମାନଙ୍କୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପାଇଁ ପ୍ରସ୍ତୁତ କରିବା ପାଇଁ ସରକାର ଏକ ବଡ଼ ଅଭିଯାନ ଆରମ୍ଭ *(ପୃଷ୍ଠା ୭ରେ)*

### ଇଣ୍ଡିଆର ପ୍ରଥମ ସ୍ୱଦେଶୀ ବୁଲେଟ୍ ଟ୍ରେନ୍ ବଡି ଫ୍ରେମ୍ ପ୍ରସ୍ତୁତ

## ୨୦୨୭ ମେ'ରେ ହେବ ଟ୍ରାକ୍ ଟେଷ୍ଟିଂ ଘୋଷଣା କଲେ ରେଳମନ୍ତ୍ରୀ

**ନୂଆଦିଲ୍ଲୀ, ୮ ।୯**

ଭାରତର ପ୍ରଥମ ଘରୋଇ ଜ୍ଞାନକୌଶଳରେ ନିର୍ମିତ ସ୍ୱଦେଶୀ ବୁଲେଟ୍ ଟ୍ରେନର ବଡି ଫ୍ରେମ୍ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇସାରିଛି ଏବଂ ଆସନ୍ତା ୨୦୨୭ ମେ' କିମ୍ବା ଜୁନ୍ ସୁଦ୍ଧା ଏହା ଟ୍ରାକ୍‌ରେ ପରୀକ୍ଷାମୂଳକ ଚାଲିବ। ମଙ୍ଗଳବାର ଗୁଜରାଟର ଭଦୋଦରାଠାରେ ଆୟୋଜିତ 'ନମୋ ଫର୍ ବିକଶିତ ଭାରତ' କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୩୫,୦୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦଘାଟନ କରିଛନ୍ତି।

ସଭାକୁ ସମ୍ବୋଧିତ କରି ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ଯେ, ସ୍ୱଦେଶୀ ବୁଲେଟ୍ ଟ୍ରେନର ବଡି ଫ୍ରେମ୍ *(ପୃଷ୍ଠା ୭ରେ)*

## ୯ ଯୁବ ଆଇଏଏସ୍‌ଙ୍କୁ ଉପଜିଲ୍ଲାପାଳ ନିଯୁକ୍ତି

**ଭୁବନେଶ୍ୱର, ୮ ।୯ : ନ୍ୟୁଜ୍ ବ୍ୟୁରୋ**

ତାଲିମ ଶେଷ କରିଥିବା ୯ ଜଣ ଯୁବ ଆଇଏଏସ ଅଧିକାରୀଙ୍କୁ ବିଭିନ୍ନ ଉପଖଣ୍ଡର ଉପଜିଲ୍ଲାପାଳ ଭାବେ ନିଯୁକ୍ତି ଦେଇଛନ୍ତି ରାଜ୍ୟ ସରକାର। *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ବିପଦପୂର୍ଣ୍ଣ କୋଠା ବିରୋଧରେ ସରକାରଙ୍କ କଡା କାର୍ଯ୍ୟାନୁଷ୍ଠାନ।
- ପିଏମ-ସେତୁ ଅଧୀନରେ ତିନୋଟି ଆଇଟିଆଇ କ୍ଲଷ୍ଟର ପାଇଁ ୭୩୫.୭୦ କୋଟି ଟଙ୍କାର ନିବେଶ ଯୋଜନାକୁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ।
- ତିନି ଦିନିଆ ଶ୍ରୀଲଙ୍କା ଗସ୍ତରେ କଲମ୍ବୋରେ ପହଞ୍ଚିଲେ ପ୍ରତିରକ୍ଷା ମନ୍ତ୍ରୀ, ଭବ୍ୟ ସ୍ୱାଗତ।
- ଆମେରିକା ଏବଂ ଅନ୍ୟ ୨୪ଟି ଦେଶ ସହିତ ଭାରତ ଗ୍ଲୋବାଲ ୬ଜି ଟେଲିକମ୍ ନେଟୱାର୍କ ମେଣ୍ଟରେ ସାମିଲ।

## ସୁନା ଦର

୨୪ କ୍ୟାରେଟ୍ ସୁନା – ପ୍ରତି ଗ୍ରାମ୍ ୧୫,୫୩୫ (+୧୨୦)
୨୨ କ୍ୟାରେଟ୍ ସୁନା – ପ୍ରତି ଗ୍ରାମ୍ ୧୪,୨୪୦ (+୧୧୦)
୧୮ କ୍ୟାରେଟ୍ ସୁନା – ପ୍ରତି ଗ୍ରାମ୍ ୧୧,୬୫୧ (+୯୦)

## ରୁପା ଦର

ରୁପା – ପ୍ରତି ଗ୍ରାମ୍ ୨୫୦ (+୦)

## ଏକାଳ ପଖାଳ



ବଜାରୁ ପାକେଟ୍ ଆଣି
ପିଉଥିଲେ ଯେଉଁ କ୍ଷୀର
ଆଗକୁ ସେଇ ପାଉଚୁ ଦେଖିକି
ମାଡିବ ନିଶ୍ଚୟ ଡର
ଆଖି ଦେଖାଉଛି ଦର
ହାଣ୍ଡିଶାଲୁ ଖାଦ୍ୟ କମିକମି ଯାଏ
କ'ଣ କରୁଛ କର।

# ପାର୍ବଣ ପୂର୍ବରୁ ଆଗୁଆ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କଲେ ଡିଜିପି

**କଟକ, ୮ ।୯ : ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ମଙ୍ଗଳବାର ପୂର୍ବାହ୍ନରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରାଞ୍ଚଳ ରେଞ୍ଜ ଅଧୀନସ୍ଥ ଜିଲ୍ଲାଗୁଡ଼ିକର ଆଇନ-ଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଓ ପୋଲିସ ବ୍ୟବସ୍ଥା ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି।



ବୈଠକରେ ଜିଲ୍ଲାଗୁଡ଼ିକର ସାମଗ୍ରିକ ଆଇନ-ଶୃଙ୍ଖଳା ସ୍ଥିତି ସହ ହତ୍ୟା, ଚୋରି, ଡକାୟତି ଓ ଲୁଣ୍ଠନ ଭଳି ଗୁରୁତର ଅପରାଧର ନିୟନ୍ତ୍ରଣ, ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ, ଅବକାରୀ ଅପରାଧ ଦମନ, 'ନିଶାମୁକ୍ତ ଓଡ଼ିଶା' ଗଠନ ଦିଗରେ ପଦକ୍ଷେପ, ସାଇବର ଅପରାଧ, ମାମଲାର ତଦନ୍ତ ତ୍ୱରାନ୍ୱିତ କରି ସଠିକ୍ ସମୟରେ ଚାର୍ଜସିଟ୍ ଦାଖଲ ଏବଂ ଦଣ୍ଡାଦେଶ ହାର ବୃଦ୍ଧି ଆଦି ବିଷୟରେ ଡିଜିପି ଜିଲ୍ଲା ଏସ୍‌ପିମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ।

ଡିଜିପି ଶ୍ରୀ ମିଶ୍ର କହିଥିଲେ ଯେ, ରାଜ୍ୟର ଅନେକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା *(ପୃଷ୍ଠା ୭ରେ)*

# ବସୁନ୍ଧରା ଯୋଜନାରେ ୩୪,୨୫୧ ଯୋଗ୍ୟ ହିତାଧିକାରୀଙ୍କୁ ଜମି ପ୍ରଦାନ

**ଭୁବନେଶ୍ୱର, ୮ ।୯ : ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ଘରବାରିହୀନ ପରିବାରଗୁଡ଼ିକୁ ସର୍ଭେ ମାଧ୍ୟମରେ ଚିହ୍ନଟ କରି ଯୋଗ୍ୟ ହିତାଧିକାରୀଙ୍କୁ ଘରବାରି ନିମନ୍ତେ ଜମି ଯୋଗାଇଦେବା ଲକ୍ଷ୍ୟରେ କାର୍ଯ୍ୟକାରୀ ହେଉଥିବା ବସୁନ୍ଧରା ଯୋଜନାର କାର୍ଯ୍ୟାନ୍ୱୟନକୁ ଅଧିକ ଗତିଶୀଳ କରିବା ଉପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ଗୁରୁତ୍ୱାରୋପ କରିଛନ୍ତି ।



୨୦୨୪ ମସିହାରେ କରାଯାଇଥିବା ପ୍ରାରମ୍ଭିକ ସର୍ଭେ ଅନୁଯାୟୀ ରାଜ୍ୟରେ ମୋଟ ୪୨,୯୧୫ ଘରବାରିହୀନ ବ୍ୟକ୍ତି ଗଣନା ହୋଇଥିବା ବେଳେ ତନ୍ମଧ୍ୟରୁ ତଦନ୍ତ ପରେ ୩୩,୦୮୨ ଜଣ ଯୋଗ୍ୟ ଘରବାରିହୀନ ବ୍ୟକ୍ତି ଚିହ୍ନଟ ହୋଇଥିବାବେଳେ ୩୦,୬୫୩ ଜଣଙ୍କ ସପକ୍ଷରେ ଜମି ଆବଣ୍ଟନ କରାଯାଇଛି।

ସେହିପରି, ୨୦୨୫ ମସିହାର ପ୍ରାରମ୍ଭିକ ସର୍ଭେରେ ୫୮,୬୨୦ ଘରବାରିହୀନ ବ୍ୟକ୍ତି ଚିହ୍ନଟ ହୋଇଥିବାବେଳେ ତଦନ୍ତ ପରେ ୧୧,୮୨୭ ଜଣ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩,୫୯୮ ଜଣଙ୍କୁ ଜମି ପ୍ରଦାନ କରାଯାଇଛି ଏବଂ ବକେୟା ୮,୨୨୯ ଜଣଙ୍କୁ ଜମି ପ୍ରଦାନ ପାଇଁ ପ୍ରକ୍ରିୟା ଚାଲୁରହିଛି । *(ପୃଷ୍ଠା ୭ରେ)*

# ଶିକ୍ଷକ ନିଯୁକ୍ତି ଉପରେ ସୁପ୍ରିମ୍‌କୋର୍ଟଙ୍କ ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ

**ନୂଆଦିଲ୍ଲୀ, ୮ ।୯**

ସର୍ବୋଚ୍ଚ ନ୍ୟାୟାଳୟ ଦେଶବ୍ୟାପୀ ସ୍କୁଲ ଏବଂ କଲେଜରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଜାରି କରିଛନ୍ତି। ଅଦାଲତ ସ୍ପଷ୍ଟ କରିଛନ୍ତି ଯେ କେବଳ ଶିକ୍ଷା ଅଧିକାର (ଆରଟିଇ) ଆଇନ,ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ(ଏନସିଟିଇ) ଆଇନ ଏବଂ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ଆଇନ ଅନୁଯାୟୀ ନିର୍ଦ୍ଧାରିତ ଶିକ୍ଷାଗତ ଏବଂ ବୃତ୍ତିଗତ ଯୋଗ୍ୟତା ପୂରଣ କରୁଥିବା ପ୍ରାର୍ଥୀମାନଙ୍କୁ ସ୍କୁଲ ଏବଂ କଲେଜରେ ନିଯୁକ୍ତି ଦିଆଯାଇପାରିବ। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ଆବଶ୍ୟକୀୟ ଯୋଗ୍ୟତା ବିନା ଶିକ୍ଷକମାନଙ୍କୁ ନିଯୁକ୍ତି କିମ୍ବା ଚାକିରିରେ ରଖାଯାଇପାରିବ ନାହିଁ।

ଶିକ୍ଷକ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ପ୍ରାଦେଶିକୀକରଣକୁ ଚ୍ୟାଲେଞ୍ଜ କରି ଆଗତ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ)ର ଶୁଣାଣି ସମୟରେ କୋର୍ଟ ଏହି ନିର୍ଦ୍ଦେଶ ଜାରି କରିଛନ୍ତି।ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି.ମୋହନଙ୍କୁ ନେଇ ଗଠିତ ତିନି ଜଣିଆ ଖଣ୍ଡପୀଠ ଶିକ୍ଷକ ନିଯୁକ୍ତି ପ୍ରସଙ୍ଗରେ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଜାରି କରି ରାୟ ଦେଇଛନ୍ତି। ଶିକ୍ଷାନୁଷ୍ଠାନର ଶିକ୍ଷକ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ପ୍ରାଦେଶିକୀକରଣ ସହିତ ଜଡିତ ସାମ୍ବିଧାନିକ ଯୋଜନାକୁ ଚ୍ୟାଲେଞ୍ଜ କରି ଏକ *(ପୃଷ୍ଠା ୭ରେ)*




## ଶ୍ରୀମନ୍ଦିର ସହ ଜଡ଼ିତ ଆଉ ୩ ନାମକୁ ମିଳିବ ଟ୍ରେଡମାର୍କ ସୁରକ୍ଷା

**ପୁରୀ, ୮ ।୯ : ନ୍ୟୁଜ୍ ବ୍ୟୁରୋ**

ଶ୍ରୀମନ୍ଦିର ସହ ଜଡ଼ିତ ୩ ଚିହ୍ନ ଓ ନାମକୁ ଟ୍ରେଡମାର୍କ ପଞ୍ଜିକରଣ ନିମନ୍ତେ ଆବେଦନ କରାଯାଇଥିଲା। ଏହାର ପ୍ରକାଶନ ନିମନ୍ତେ ଟ୍ରେଡମାର୍କସ୍ ରେଜିଷ୍ଟ୍ରି ଗ୍ରହଣ କରିଛନ୍ତି।

ଏହି ଅବସରରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରତିକ୍ରିୟା ଦିଆଯାଇ ଏକ ପ୍ରେସ୍ ବିବୃତିରେ କୁହାଯାଇଛି, ଏସଜିଟିଏ ଶ୍ରୀଜଗନ୍ନାଥ ମନ୍ଦିର ସହ ସମ୍ପର୍କିତ ଅଦ୍ୱିତୀୟ ଆନୁଷ୍ଠାନିକ ପରମ୍ପରାର ସୁରକ୍ଷା ନିମନ୍ତେ ଉଦ୍ୟମରତ। ଏହି ପ୍ରସଙ୍ଗରେ ଶ୍ରୀମନ୍ଦିର ସହ ଜଡ଼ିତ ଚିହ୍ନ ଓ ନାମର ବାଣିଜ୍ୟ ଆଦିରେ ଦୁରୁପଯୋଗ ଯେଭଳି ନହେବ ସେନେଇ ଟ୍ରେଡମାର୍କ ଆବେଦନ ପ୍ରକ୍ରିୟାକୁ ଜାରି ରହିବ। ଏହାସହ ଶ୍ରୀଜଗନ୍ନାଥ ମନ୍ଦିର ସହ ଜଡ଼ିତ ପବିତ୍ର ଓ ସ୍ୱତନ୍ତ୍ର *(ପୃଷ୍ଠା ୭ରେ)*

# ଓରାଙ୍ଗଉଟାନ ଠାବ ପଛରେ ଇଣ୍ଟରନ୍ୟାସନାଲ୍ ସ୍ମଗଲିଂ ସନ୍ଦେହ



**ବାଲେଶ୍ୱର, ୮ ।୯**
**ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଭୋଗରାଇରେ ୫ଟି ଓରାଙ୍ଗଉଟାନ ଠାବ ପଛରେ ଇଣ୍ଟରନ୍ୟାସନାଲ୍ ସ୍ମଗଲିଂ ସନ୍ଦେହ କରାଯାଉଛି। ସ୍ମଗଲିଂ ସନ୍ଦେହ ହେଉଛି ବୋଲି କହିଛିନ୍ତି ପିସିସିଏଫ୍ ପ୍ରେମ୍ ଝା। ଏହି ଘଟଣାର ତଦନ୍ତ ବନ ବିଭାଗ ଜରିଆରେ କରାଯିବ। ପୋଲିସକୁ ମଧ୍ୟ ତଦନ୍ତ ପାଇଁ କୁହାଯାଇଛି। ଦେଶର ଦୁଇ ତିନୋଟି ସ୍ଥାନରେ ଏପରି ପ୍ରଜାତିର ଓରାଙ୍ଗଉଟାନ ଦେଖିବାକୁ ମିଳିଥାନ୍ତି। ଓଡ଼ିଶାରେ ଆଗରୁ ଓରାଙ୍ଗଉଟାନ କେବେ ଦେଖାଯିବାର ନଜିର ନାହିଁ। ନନ୍ଦନକାନନରୁ ଗୋଟିଏ ଟିମ୍ ଭୋଗରାଇ ଯାଇ ସେଠାରେ ଠାବ ହୋଇଥିବା ୫ ଓରାଙ୍ଗଉଟାନଙ୍କୁ ସୁରକ୍ଷିତ ଉଦ୍ଧାର କରିବା ପରେ ନନ୍ଦନକାନନକୁ ଅଣାଯାଉଛି। ସେମାନଙ୍କୁ ଏଠାରେ କ୍ୱାରେଣ୍ଟାଇନରେ ରଖାଯିବ ବୋଲି ପିସିସିଏଫ୍ କହିଛନ୍ତି।

ଅନ୍ୟପଟେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି, ଓରାଙ୍ଗଉଟାନ ପଛରେ ଥାଇପାରେ ଅନ୍ତର୍ଜାତୀୟ ମାଫିଆଙ୍କ ହାତ। ଏହି ପ୍ରଜାତି ଭାରତରେ ଦେଖାଯାଆନ୍ତି ନାହିଁ। ଓଡିଶାରେ କେଉଁଠୁ ଆସିଲେ ତାହାର ତଦନ୍ତ କରାଯିବ। ୱାଇଲ୍ଡ ଲାଇଫ୍ କ୍ରାଇମ୍ *(ପୃଷ୍ଠା ୭ରେ)*

# ୧୧ରେ ଆଉ ଏକ ଲଘୁଚାପ !

**ଭୁବନେଶ୍ୱର, ୮ ।୯**
**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୧୧ ତାରିଖ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ପଶ୍ଚିମ କେନ୍ଦ୍ରୀୟ ପାର୍ଶ୍ୱବର୍ତ୍ତୀ ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ଏହି ଲଘୁଚାପ ସୃଷ୍ଟି ହୋଇପାରେ। ଏହାର ପ୍ରଭାବରେ ବୁଧବାରଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ନେଇ ସତର୍କତା ଜାରି କରିଛି ପାଣିପାଗ ବିଭାଗ ।

ବୁଧବାର ପାଇଁ ଉତ୍ତର ଓଡ଼ିଶାର ୩ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଆସନ୍ତା ୧୨ ତାରିଖ ଯାଏ ଝଡ଼ବର୍ଷା ନେଇ ଚେତାବନୀ ଜାରି ହୋଇଛି।

ବୁଧବାର ଠାରୁ ବଢ଼ିପାରେ ବର୍ଷାର ପରିମାଣ। ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଥିବାରୁ ଏହାର ପ୍ରଭାବରେ ବର୍ଷାର ପରିମାଣ ବଢିବା ସହ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ମୌସୁମୀ ବାୟୁ ଶ୍ରୀଗଙ୍ଗାନଗର, ଉତ୍ତରପ୍ରଦେଶଠାରୁ ଉତ୍ତରପୂର୍ବ ବଙ୍ଗୋପସାଗର ମଧ୍ୟରେ ରହିଛି। ଫଳରେ ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି।



# ଅବହେଳାରେ ପଞ୍ଚଗାଁ ସାପ୍ତାହିକ ବଜାର: ବର୍ଷାରେ ପାଣି-କାଦୁଅରେ ନାକେଦମ ବ୍ୟବସାୟୀ ଓ ଗ୍ରାହକ, ସ୍ଥାୟୀ ସମାଧାନ ଦାବି

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ଲଖନପୁର ବ୍ଲକ ଅନ୍ତର୍ଗତ ପଞ୍ଚଗାଁ ଗ୍ରାମପଞ୍ଚାୟତ ଅଧୀନରେ ଆରଏମସି ପକ୍ଷରୁ ପରିଚାଳିତ ଶୁକ୍ରବାର ସାପ୍ତାହିକ ବଜାରର ରକ୍ଷଣାବେକ୍ଷଣ ଅଭାବକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ବଜାରରୁ ପ୍ରତିବର୍ଷ ଲକ୍ଷାଧିକ ଟଙ୍କାର ମହାସୁଲ ଆଦାୟ ହେଉଥିଲେ ମଧ୍ୟ ମୌଳିକ ସୁବିଧା ଓ ରକ୍ଷଣାବେକ୍ଷଣ ପ୍ରତି ଆବଶ୍ୟକ ଗୁରୁତ୍ୱ ଦିଆଯାଉନଥିବାରୁ ବ୍ୟବସାୟୀ ଏବଂ ଗ୍ରାହକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ବର୍ଷ ଧରି ଏହି ସାପ୍ତାହିକ ବଜାର ଆରଏମସି ପରିଚାଳନାରେ ରହିଆସୁଛି। ପ୍ରତି ଶୁକ୍ରବାର ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ସମ୍ବଲପୁର ଜିଲ୍ଲା ସମେତ ପଡ଼ୋଶୀ ଛତିଶଗଡ଼ରୁ ବହୁ ସଂଖ୍ୟକ ବ୍ୟବସାୟୀ ଏଠାରେ ଆସି କପଡ଼ା, ରାସନ ସାମଗ୍ରୀ, ପନିପରିବା, ମାଛ ଓ ବିଭିନ୍ନ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ବ୍ୟବସାୟ କରିଥାନ୍ତି। ବ୍ୟବସାୟୀଙ୍କ ଠାରୁ ନିୟମିତ ଭାବେ ମହାସୁଲ ଆଦାୟ କରାଯାଉଥିଲେ ମଧ୍ୟ ବଜାରର ବିକାଶ ଓ ରକ୍ଷଣାବେକ୍ଷଣ ଦିଗରେ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ବଜାର ପରିସରର ବିଭିନ୍ନ ସ୍ଥାନରେ ଅନାବନା ଗଛଲତା ଓ ଘାସ ବଢ଼ି ରହିଥିବା ବେଳେ ପରିସର ଅପରିଷ୍କାର ଅବସ୍ଥାରେ ପଡ଼ିରହିଛି। ବର୍ଷା ହେଲେ ଜଳ ନିଷ୍କାସନ ବ୍ୟବସ୍ଥା ନଥିବାରୁ ବଜାର ଭିତରେ ପାଣି ଜମି ରହୁଛି। ଫଳରେ ସମଗ୍ର ବଜାର ପରିସର କାଦୁଅମୟ ହୋଇଯାଉଥିବାରୁ ବ୍ୟବସାୟୀଙ୍କ ପାଇଁ ଦୋକାନ ବସାଇବା ଏବଂ ଗ୍ରାହକଙ୍କ ପାଇଁ କିଣାକଟା କରିବା କଷ୍ଟସାଧ୍ୟ ହୋଇପଡୁଛି। ସେହିପରି ବଜାରରେ ଥିବା ବଜାର ଗୃହ ଓ ପିଣ୍ଡିଗୁଡ଼ିକର ଅବସ୍ଥା ମଧ୍ୟ ଶୋଚନୀୟ। ଦୀର୍ଘଦିନ ଧରି ମରାମତି ଓ ଆବଶ୍ୟକ ରକ୍ଷଣାବେକ୍ଷଣ ହୋଇନଥିବାରୁ ବ୍ୟବସାୟୀମାନେ ଅସୁବିଧାଜନକ ପରିବେଶରେ ବ୍ୟବସାୟ କରିବାକୁ ବାଧ୍ୟ ହେଉଛନ୍ତି। ବର୍ଷା ଋତୁରେ ଏହି ସମସ୍ୟା ଆହୁରି ଗୁରୁତର ରୂପ ନେଇଛି।

ସ୍ଥାନୀୟ ସରପଞ୍ଚ ମୁକେଶ ବାରିକଙ୍କ କହିବାନୁସାରେ, ଉକ୍ତ ବଜାରରୁ ଆରଏମସି ପକ୍ଷରୁ ପ୍ରତିବର୍ଷ ଲକ୍ଷାଧିକ ଟଙ୍କାର ମହାସୁଲ ଆଦାୟ ହେଉଥିବା ବେଳେ ପଞ୍ଚଗାଁ ଗ୍ରାମପଞ୍ଚାୟତକୁ ବାର୍ଷିକ ମାତ୍ର ୩୨ ହଜାର ୮୦୦ ଟଙ୍କା ପ୍ରଦାନ କରାଯାଉଛି। ବଜାରରୁ ଆଦାୟ ହେଉଥିବା ରାଜସ୍ୱ ଅନୁପାତରେ ରକ୍ଷଣାବେକ୍ଷଣ ଓ ମୌଳିକ ସୁବିଧା ଯୋଗାଣ ପାଇଁ ପଦକ୍ଷେପ ନିଆଯାଉନଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଏହି ସମସ୍ୟା ନେଇ ଗ୍ରାମପଞ୍ଚାୟତ ପକ୍ଷରୁ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ଆରଏମସି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଲିଖିତ ଭାବେ ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ ହୋଇନଥିବା ସେ କହିଛନ୍ତି। ଏହି ସାପ୍ତାହିକ ବଜାର ଉପରେ ଆଖପାଖ ଅଞ୍ଚଳର ବହୁ ଲୋକଙ୍କ ଜୀବିକା ଓ ନିତ୍ୟ ଆବଶ୍ୟକତା ନିର୍ଭର କରୁଥିବାରୁ ନିୟମିତ ସଫେଇ, ଅନାବନା ଗଛଲତା ସଫା, ଜଳ ନିଷ୍କାସନ ବ୍ୟବସ୍ଥାର ସୁଧାର, ବଜାର ଗୃହ ଓ ପିଣ୍ଡିର ମରାମତି ସହ ବଜାର ପରିସରର ସାମଗ୍ରିକ ଉନ୍ନତିକରଣ ପାଇଁ ସ୍ଥାନୀୟ ଲୋକ ଓ ବ୍ୟବସାୟୀମାନେ ଦାବି କରିଛନ୍ତି। ମହାସୁଲ ଆଦାୟ ସହ ବଜାରର ସୁଚାରୁ ରକ୍ଷଣାବେକ୍ଷଣ ଦିଗରେ ଆରଏମସି କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି।

# ଏନ୍‌ଏଚ୍‌-୪୯ ପାଲଟିଛି ବିପଦର କାରଣ

# ସୁରକ୍ଷା ବ୍ୟବସ୍ଥା ଦାବି କଲେ କତରବଗାବାସୀ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଲଖନପୁର ବ୍ଲକ ଅନ୍ତର୍ଗତ କତରବଗା ଗ୍ରାମ ନିକଟ ଦେଇ ଯାଇଥିବା ଜାତୀୟ ରାଜପଥ-୪୯ ଏବେ ସ୍ଥାନୀୟ ଲୋକଙ୍କ ପାଇଁ ବଡ଼ ବିପଦର କାରଣ ପାଲଟିଛି। ପ୍ରତିଦିନ ରାଜପଥ ପାରି ହୋଇ ଯାତାୟାତ କରିବାକୁ ବାଧ ହେଉଥିବା ଗ୍ରାମବାସୀ, ଚାଷୀ ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଥିବା ବେଳେ ସ୍ଥାୟୀ ସମାଧାନ ଦାବି କରି ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗ୍ରାମର ଗୋଟିଏ ପାର୍ଶ୍ୱରେ ଏନ୍‌ଏଚ୍‌-୪୯ ଥିବାବେଳେ ଅନ୍ୟ ପାର୍ଶ୍ୱରେ ତଳିକଟା ଜଳାଶୟ, ବନ୍ଧ, ପୋଖରୀ ଓ ବିସ୍ତୀର୍ଣ୍ଣ ଚାଷଜମି ରହିଛି। ଜଳସେଚନ ଓ କୃଷିକାର୍ଯ୍ୟ ପାଇଁ ଗ୍ରାମବାସୀଙ୍କୁ ପ୍ରତିଦିନ ଏହି ରାଜପଥ ପାରି ଯିବାକୁ ପଡୁଥିବାରୁ ସେମାନେ ସବୁବେଳେ ଦୁର୍ଘଟଣାର ଆଶଙ୍କା ମଧ୍ୟରେ ରହୁଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ରାଜପଥରେ ଭାରୀ ଯାନବାହନ ଦ୍ରୁତ ଓ ବେପରୁଆ ଗତିରେ ଚଳାଚଳ କରୁଥିବାରୁ ପୂର୍ବରୁ ମଧ୍ୟ ଏକାଧିକ ଦୁର୍ଘଟଣା ଘଟି ଧନଜୀବନ କ୍ଷତି ହୋଇଛି। ତଥାପି ଏପର୍ଯ୍ୟନ୍ତ ସ୍ଥାୟୀ ସୁରକ୍ଷା ବ୍ୟବସ୍ଥା କରାଯାଇ ନ ଥିବାରୁ ସ୍ଥାନୀୟମାନଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଅନ୍ୟପଟେ, କତରବଗା ଗ୍ରାମର ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଶତାଧିକ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ଯିବା ପାଇଁ ପ୍ରାୟ ୨୦୦ରୁ ୨୫୦ ମିଟର ପର୍ଯ୍ୟନ୍ତ ଜାତୀୟ ରାଜପଥ ଉପରେ ଯାତାୟାତ କରିବାକୁ ପଡୁଛି। ଦ୍ରୁତଗାମୀ ଯାନବାହନ ହେତୁ ସେମାନଙ୍କ ଏଭଳି ଯାତାୟାତ ଅଭିଭାବକ ଓ ଗ୍ରାମବାସୀଙ୍କ ଚିନ୍ତାର କାରଣ ହୋଇଛି। ତେଣୁ କତରବଗା ନିକଟରେ ଯାନବାହନର ଗତି ନିୟନ୍ତ୍ରଣ ପାଇଁ ସ୍ପିଡ୍ ବ୍ରେକର, ସତର୍କ ସୂଚନା ଫଳକ, ଜେବ୍ରା କ୍ରସିଂ, ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ସହ ସୁରକ୍ଷିତ ଭାବେ ରାଜପଥ ପାରି ହେବାର ସ୍ଥାୟୀ ବ୍ୟବସ୍ଥା କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ରତ୍ନାକର ସା, ଉମେଶ ପ୍ରଧାନ, ଇନ୍ଦ୍ରମଣି ଖମାରୀ, ଚନ୍ଦ୍ରକୁମାର ବାରିକ, ଦିଲ୍ଲୀପ ତନସନା, ନିମାଇଁ ଖରସେଲ, ବିକାଶ ସାହୁ, ଲକ୍ଷ୍ମୀକାନ୍ତ ପ୍ରଧାନ, ଦୀପକ ବାରିକ, ସୁଷମା ବାରିକ, ରିନାକାରି ପ୍ରଧାନ, କୌଶଲ୍ୟା ତନସନା, ଯଶୋବନ୍ତି ପ୍ରଧାନଙ୍କ ସମେତ ବହୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିଥିଲେ। ଶୀଘ୍ର ସମାଧାନ ନ ହେଲେ ଆଗାମୀ ଦିନରେ ବଡ଼ ଅଘଟଣ ଘଟିପାରେ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି।

# ପିତଳ ଡାକ୍ତର ଖାନାକୁ ଆବଶ୍ୟକ ମୁତାବକ ଔଷଧ ଆସୁନଥିବା ଅଭିଯୋଗ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ପିତଳ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତଥା ଜନ ଆରୋଗ୍ୟ କେନ୍ଦ୍ର ଉପରେ ପ୍ରାୟ ୨୦ଖଣ୍ଡ ଗ୍ରାମର ହଜାର ହଜାର ଜନସାଧାରଣ ନିର୍ଭର କରନ୍ତି। ଏହି କେନ୍ଦ୍ରକୁ ପୂର୍ବରୁ ରୋଗୀଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଔଷଧ ଜିଲ୍ଲା ଔଷଧ ଭଣ୍ଡାରରୁ ଯୋଗାଣ ହେଉଥିଲା। କିନ୍ତୁ କିଛି ମାସ ହେଲା ଏ ବ୍ୟବସ୍ଥା ବନ୍ଦ ହୋଇ ଶେରଗଡ଼ ସିଏଚସିରୁ ପିତଳକୁ ଔଷଧ ଯୋଗାଇ ଦିଆଯାଉଛି। ଫଳରେ ଖୁବ୍‌କମ ପରିମାଣ ଔଷଧ ଆସୁଛି ଓ ଆବଶ୍ୟକ ମୁତାବକ ଔଷଧ ଆସୁନାହିଁ। ଫଳରେ ରୋଗୀମାନେ ଡାକ୍ତରଙ୍କ ଲେଖୁଥିବା ଔଷଧ ଡାକ୍ତରଖାନାରୁ ପାଉନାହାନ୍ତି। ଏଣୁ ଗଞ୍ଜାମ ସିଡିଏମଓ ଘଟଣାର ଅନୁଧ୍ୟାନ କରି ପୂର୍ବ ଭଳି ଜିଲ୍ଲା ଔଷଧ ଭଣ୍ଡାରରୁ ପିତଳ ଡାକ୍ତର ଖାନାକୁ ଔଷଧ ଯୋଗାଣ ବ୍ୟବସ୍ଥା ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ନିରକ୍ଷରତା ଦୂରୀକରଣ ପାଇଁ 'ଉଲ୍ଲାସ' ମାଧ୍ୟମରେ ପ୍ରୟାସ



**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ନିରକ୍ଷରତା ଦୂର କରିବା ସହିତ ସର୍ବସାଧାରଣ ବ୍ୟକ୍ତି ବିଶେଷଙ୍କୁ ସାକ୍ଷର କରିବା ଭଳି ମହତ ଲକ୍ଷ୍ୟ ଆଭିମୁଖ୍ୟ ନେଇ ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ଖଲ୍ଲିକୋଟ ବ୍ଲକ ପରିସରସ୍ଥ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ପ୍ରାୟୋଜିତ 'ଉଲ୍ଲାସ' କାର୍ଯ୍ୟକ୍ରମ ମାଧ୍ୟମରେ ସାକ୍ଷରତା ବୃଦ୍ଧି ନିମନ୍ତେ ଉକ୍ତ ବୈଠକ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି। ଅନୁଷ୍ଠିତ ବୈଠକରେ କ୍ଲଷ୍ଟର ଅଧୀନସ୍ଥ ସମସ୍ତ ବିଦ୍ୟାଳୟରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଶିକ୍ଷକ ଶିକ୍ଷୟିତ୍ରୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ବହୁ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲା ବେଳେ ଖଲ୍ଲିକୋଟ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବିଶିଷ୍ଟ ଶିକ୍ଷାବିତ୍ ସତ୍ୟନାରାୟଣ ଦାସ ସ୍ୱତନ୍ତ୍ର ଅତିଥି ରୂପେ ଯୋଗ ଦେଇ ସର୍ବପ୍ରଥମେ ଗୁରୁ ଦିବସ ଉପଲକ୍ଷେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଶୁଭେଚ୍ଛା ଶୁଭକାମନା ଜଣାଇଥିଲେ।

ଏଥି ସହିତ ନିରକ୍ଷରତା ଏକ ସାମାଜିକ ବ୍ୟାଧି ହୋଇଥିବାରୁ ତାହାର ନିରାକରଣ, ଗାଁ ଗହଳରେ ଅଶିକ୍ଷା ଅନ୍ଧକାର ଭିତରେ ଥିବା ଲୋକମାନଙ୍କୁ କିଭଳି ମୁଖ୍ୟ ସ୍ରୋତରେ ସାମିଲ କରିବା, ନିରକ୍ଷର ଚିହ୍ନଟୀକରଣ, ଶିକ୍ଷକ, ସ୍ୱୟମ ସହାୟକ ଗୋଷ୍ଠୀର ସଦସ୍ୟା, ଅଙ୍ଗନୱାଡି କର୍ମୀ, ସର୍ବେକ୍ଷକଙ୍କ ସମ୍ପୃକ୍ତି ସହଯୋଗ ନିତାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଖଲ୍ଲିକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ସାମଲ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ସାକ୍ଷରତା ହାର ବଢାଇବା ଦିଗରେ ଶିକ୍ଷକଙ୍କ ଭୂମିକା, କର୍ମଶାଳା, ଶୋଭାଯାତ୍ରା ଆଦି ପ୍ରତ୍ୟେକ କ୍ଷେତ୍ରରେ ଶିକ୍ଷକଙ୍କ ତ୍ୟାଗ ଅବଦାନ ଅବିସ୍ମରଣୀୟ ବୋଲି ମତ ସାବ୍ୟସ୍ତ କରିଥିଲେ। ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ମଧୁମିତା ପରିଜା ଅନ୍ୟତମ ଅତିଥି ଭାବେ ଯୋଗଦେଇ 'ଉଲ୍ଲାସ' କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ନାୟକ, ଗୋପପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ବେହେରା ସମ୍ମାନୀତ ଅତିଥି ରୂପେ ଯୋଗଦାନ କରି ନବ ଭାରତ ସାକ୍ଷରତା ଅଭିଯାନ ସମ୍ପର୍କରେ ବୁଝାଇଥିଲେ। ଆଭାସ କ୍ଲଷ୍ଟରର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କୃଷ୍ଣଚନ୍ଦ୍ର ପରିଡ଼ା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଆୟୋଜିତ ବୈଠକରେ ବ୍ଲକ ଅନ୍ତର୍ଗତ ସମସ୍ତ ଷୋହଳ ଗୋଟି କ୍ଲଷ୍ଟରର ସିଆରସିସିଙ୍କ ସମେତ ବହୁ ଶିକ୍ଷାବିତ୍ ଯୋଗଦାନ କରିଥିଲେ।

# 'ଶିକ୍ଷା ହେଉଛି ଦେଶ ପ୍ରଗତିର ପ୍ରକୃତ ମାଧ୍ୟମ'

**ରାଇରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ରାଇରଙ୍ଗପୁର ହରେକୃଷ୍ଣ ମହତାବ ଭବନ ପରିସରରେ ଗୁରୁ ଦିବସ ଅବସରରେ ରାଇରଙ୍ଗପୁର ଜିଲ୍ଲା ସାମ୍ବାଦିକ ୟୁନିଅନ ଏବଂ ଶିକ୍ଷକ ୟୁନିଅନର ମିଳିତ ପ୍ରୟାସରେ 'ଗୁରୁ ପୂଜନ' ଉତ୍ସବ ମହାସମାରୋହରେ ପାଳନ କରାଯାଇଥିଲା। ଏହି ଦିବସ ଅବସରରେ ପ୍ରାରମ୍ଭରେ ସ୍କୁଲ କଲେଜ ସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗୁରୁ ପୂଜନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଇରଙ୍ଗପୁର ପୋଲିସ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସୁରେଶ ପାତ୍ର, ସମ୍ମାନିତ ଅତିଥି ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରା, ସମ୍ମାନିତ ଅତିଥି ପଦ୍ମଶ୍ରୀ ଚରଣ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରାଇରଙ୍ଗପୁର ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଦେ ମାତରଂ ଗାନ କରାଯାଇଥିଲା। ବାମନଘାଟି ସାମ୍ବାଦିକ ସଂଘର ପ୍ରାକ୍ତନ ସଭାପତି ପ୍ରଦୀପ୍ତ କବି ସଭାପତିତ୍ୱ କରିଥିବାବେଳେ, ପ୍ରଧାନ ଶିକ୍ଷକ ସୁରଥ ପଟନାୟକ ମଞ୍ଚ ପରିଚାଳନା କରିଥିଲେ। ଅତିଥିଗଣ କହିଥିଲେ ଶିକ୍ଷା ହେଉଛି ଦେଶର ପ୍ରଗତିର ଶାସକ। ଯେଉଁ ଦେଶ ଶିକ୍ଷାରେ ଆଗେଇଛି ସେହି ଦେଶର ଅର୍ଥନୀତିରେ ପ୍ରଗତି ସେତେ ଅଧିକ ହୋଇଛି। ଶିକ୍ଷାର ବିକାଶରେ ଶିକ୍ଷକମାନଙ୍କ ତ୍ୟାଗ, ଭୂମିକା, ନିଷ୍ଠା, ପରିଶ୍ରମ, ଅନନ୍ୟ ଓ ଅର୍ଣ୍ଣନନୀୟ। ସେମାନଙ୍କୁ ଏ ଦେଶ ଓ ସମାଜ ସମ୍ମାନ ଜଣାଇବା ଉଚିତ। ସେମାନଙ୍କର ଅଭିଜ୍ଞତା ସମାଜରେ ବହୁ କାମରେ ଲାଗିବ। ପରେ ଅତିଥି ଗଣ ବାମନଘାଟୀ ଉପଖଣ୍ଡର ୩୦ରୁ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟତ୍ରୀ, ଛଉ ଗୁରୁ ବିଭୂତି ଭୂଷଣ ମହାନ୍ତ, ସଙ୍ଗୀତ ଗୁରୁ ନଗେନ୍ଦ୍ର ସି, ସାମାଜିକ ସେବା କ୍ଷେତ୍ରରେ ରାଇରଙ୍ଗପୁର ଉଚ୍ଚ ବିଦ୍ୟାଳୟ ୧୯୯୮ ମାଟ୍ରିକ୍ ବ୍ୟାଚ ସଂଗଠନକୁ ଉତ୍ତରୀୟ, ମାନପତ୍ର ଓ ଗୋଲାପ ଫୁଲ ଦେଇ ସମ୍ବର୍ଦ୍ଧନା କରିଥିଲେ। ରାଇରଙ୍ଗ ପୁର ଜିଲ୍ଲା ସାମ୍ବାଦିକ ୟୁନିଅନ ଓ ଶିକ୍ଷକ ୟୁନିଅନର କାର୍ଯ୍ୟକର୍ତ୍ତାଙ୍କ ଏଭଳି ସାମାଜିକ କାର୍ଯ୍ୟକ୍ରମକୁ ଏସ୍‌ପି ସୁରେଶ ପାତ୍ର ଓ ଅତିଥିଗଣ ଭୁରି ଭୁରି ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଧାନ ଶିକ୍ଷକ ଦିଲ୍ଲୀପ ମହାନ୍ତି, ପ୍ରାକ୍ତନ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀକୁମାର କବି ପରିଚାଳନାରେ ସହଯୋଗ କରିଥିଲେ। ସାମ୍ବାଦିକ ମାନସ ରଞ୍ଜନ ମହାନ୍ତି, ସୁବାସ ପାତ୍ର, ତୁଷାରକାନ୍ତ ମହାନ୍ତ, ଅକ୍ଷୟ ବିଶ୍ୱାଳ, ପ୍ରଦୀପ ମହାନ୍ତ, ରାଜେଶ ଶର୍ମା, ଛୋଟରାୟ ମୁର୍ମୁ, ମେଘନାଦ ହେମ୍ବ୍ରମ, ସୁରେନ୍ଦ୍ର ମୁଣ୍ଡା, ନିରଜ ସାହୁ, ରଞ୍ଜନ ପାତ୍ର, ଅମିୟ ମହାନ୍ତି, ପରେଶ୍ ଚନ୍ଦ୍ର ଷଡ଼ଙ୍ଗୀ, ଜୀତେନ୍ଦ୍ର ଅଗ୍ରୱାଲ, ଯଶୋବନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



# ୧୫ ବର୍ଷ ଧରି ଅଧାପନ୍ତରିଆ ମାଉସୀ ମନ୍ଦିର : ନିର୍ମାଣ ଶେଷ ପାଇଁ ପ୍ରଶାସନଙ୍କ ହସ୍ତକ୍ଷେପ ଦାବି

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ଅନ୍ତର୍ଗତ ପରମାନପୁର ଗ୍ରାମପଞ୍ଚାୟତର ନାଏକପଡ଼ାରେ ନିର୍ମାଣାଧୀନ ମାଉସୀ ମନ୍ଦିରର କାର୍ଯ୍ୟ ଦୀର୍ଘ ୧୫ ବର୍ଷ ଧରି ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ପାଣ୍ଠି ଅଭାବ ଯୋଗୁଁ ମନ୍ଦିର ନିର୍ମାଣ କାର୍ଯ୍ୟ ଅଧାରେ ଅଟକି ରହିଥିବା ବେଳେ ଶୀଘ୍ର କାର୍ଯ୍ୟ ପୁନଃ ଆରମ୍ଭ କରି ସମ୍ପୂର୍ଣ୍ଣ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ମହାପ୍ରଭୁଙ୍କ ରଥଯାତ୍ରା ସମେତ ବିଭିନ୍ନ ଧାର୍ମିକ ପର୍ବପର୍ବାଣୀରେ ଏହି ମାଉସୀ ମନ୍ଦିରର ସ୍ୱତନ୍ତ୍ର ଆଧାତ୍ମିକ ମହତ୍ୱ ରହିଛି। ପ୍ରାୟ ୧୫ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ମନ୍ଦିର ନିର୍ମାଣ କାର୍ଯ୍ୟ ଏପର୍ଯ୍ୟନ୍ତ ଶେଷ ହୋଇନଥିବାରୁ ଭକ୍ତମାନଙ୍କ ମଧ୍ୟରେ ନିରାଶା ଦେଖାଦେଇଛି। ଦୀର୍ଘଦିନ ଧରି କାମ ବନ୍ଦ ରହିବାରୁ ନିର୍ମାଣାଧୀନ ଢାଞ୍ଚା ମଧ୍ୟ ଧୀରେ ଧୀରେ କ୍ଷତିଗ୍ରସ୍ତ ହେବାକୁ ବସିଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ସହ ଲଇକେରା, କୋଲାବିରା ଓ କିର୍ମିରା ବ୍ଲକ ବିକାଶ ପରିଷଦ ପକ୍ଷରୁ ଜିଲ୍ଲା ପ୍ରଶାସନଙ୍କ ନିକଟରେ ଦୃଢ଼ ଦାବି ଉଠାଯାଇଛି। ପରିଷଦର ସାଧାରଣ ସମ୍ପାଦକ ସମ୍ବିତ ନାଏକ ଓ ସଦସ୍ୟ ଅରୁଣ ନାଏକ ଏକ ମିଳିତ ବିବୃତିରେ କହିଛନ୍ତି ଯେ, ମନ୍ଦିରର ଅସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ସ୍ୱତନ୍ତ୍ର ପାଣ୍ଠି ମଞ୍ଜୁର କରାଯାଉ ଏବଂ ତୁରନ୍ତ ନିର୍ମାଣ କାର୍ଯ୍ୟ ପୁନର୍ବାର ଆରମ୍ଭ କରାଯାଉ। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ମାଉସୀ ମନ୍ଦିର କେବଳ ଏକ ଧାର୍ମିକ ସ୍ଥଳ ନୁହେଁ, ବରଂ ଅଞ୍ଚଳର ସାମାଜିକ ଓ ସାଂସ୍କୃତିକ ପରମ୍ପରାର ଏକ ପ୍ରତୀକ। ତେଣୁ ଏହାର ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସେମାନେ ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି।

# ଜୟପୁର-ନବରଙ୍ଗପୁର ନୂତନ ରେଳପଥ ପ୍ରକଳ୍ପ ପାଇଁ ରେଳ ବିଭାଗକୁ ଜମି ହସ୍ତାନ୍ତର

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର-ନବରଙ୍ଗପୁର ନୂତନ ରେଳପଥ ଆଶା ଆଉ ଟିକିଏ ଉଜ୍ଜ୍ୱଳ ହେବାକୁ ଯାଉଛି। ପୂର୍ବରୁ ରେଲୱେ ବିଭାଗ ଜୟପୁର-ନବରଙ୍ଗପୁର ନୂତନ ରେଳପଥ ପ୍ରକଳ୍ପ ନିମନ୍ତେ ସର୍ଭେ କାର୍ଯ୍ୟ ପରେ ଜମି ଅଧିଗ୍ରହଣ ପ୍ରକ୍ରିୟା ପ୍ରାୟ ଶେଷ ହୋଇଥିବା ବେଳେ, ଏବେ ପ୍ରଶାସନ ଅଧିଗ୍ରହଣ ଜମିକୁ ରେଲୱେ ବିଭାଗକୁ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ କରିଛି। ତୃତୀୟ ପର୍ଯ୍ୟାୟରେ ପର୍ଲି, କାମରା ଏବଂ ଦୁଲ୍ଲାଗୁଡ଼ା ଗାଁର ପ୍ରାୟ ୪୦ ଏକର ଜମି ରେଲୱେ ବିଭାଗକୁ ହସ୍ତାନ୍ତର କରିଥିଲେ।

ପ୍ରଥମ ପର୍ଯ୍ୟାୟରେ ବୋରିଗୁମ୍ମା ତହସିଲ ଅନ୍ତର୍ଗତ ବରଗାଁ ଓ ଆଉଁଳି ମୌଜାର ମୋଟ ୩୦.୪୧୦ ଏକର ଜମି ରେଳ ବିଭାଗକୁ ହସ୍ତାନ୍ତର କରାଯାଇଥିବା ବେଳେ ଦିତୀୟ ପର୍ଯ୍ୟାୟରେ ବୋରିଗୁମ୍ମା ତହସିଲ ପକ୍ଷରୁ ରେଳ ବିଭାଗକୁ ୯୯.୧୦୪ ଏକର ଜମି ହସ୍ତାନ୍ତର କରାଯାଇଛି। ଶୀଶାଗୁଡ଼ା, କୁନ୍ଦ୍ରାଗୁଡ଼ା, କୁପିଆ, କନ୍ହେଇଜବା, ମଝିଆର ମୋଟ ୯୯.୧୦୪ ଏକର ଜମିର କାଗଜପତ୍ର ରେଲୱେ ଇଷ୍ଟ କୋଷ୍ଟ ଯୋନର ଏଇଇ ଏସ. ମୁରଲୀଧର ଙ୍କୁ ହସ୍ତାନ୍ତର କରିଥିଲେ। ମୋଟ ୨୨୭ ଜଣ ଜମି ହରାଇଥିବା ଲୋକଙ୍କୁ ୧୧ କୋଟି ୨୬ ଲକ୍ଷ ୭୪ ହଜାର ୪୩୪ ଟଙ୍କା ପାଇବେ। ସେଥି ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୮୭ ଜମି ହରାଇଥିବା। ଲୋକଙ୍କୁ ୯ କୋଟି ୯୩ ଲକ୍ଷ ୯୨ ହଜାର ୮୯୨ ଟଙ୍କା ପ୍ରଦାନ କରାଯାଇଛି ବୋଲି ତହସିଲଦାର ଶୋଭନ କୁମାର ବେହେରା ସୂଚନା ଦେଇଛନ୍ତି।

# ଦୁର୍ଗା ପୂଜା ନୂତନ କମିଟି ଗଠିତ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ ପଲ୍ଲୀ ସଂସଦ କ୍ଲବ୍ ପକ୍ଷରୁ ସାର୍ବଜନିନ ଦୁର୍ଗା ପୂଜା ନିମନ୍ତେ କଲ୍ୟାଣ ମଣ୍ଡପ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଭାସ୍କର ଦଣ୍ଡସେନାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସର୍ବସମ୍ମତି କ୍ରମେ ସଭାପତି ଭାବରେ ସୁଶାନ୍ତ ସାମନ୍ତରାୟ, ଉପସଭାପତି କିରଣ ପଟ୍ଟନାୟକ, ମନୋଜ ରାଜପୁତ୍, ସମ୍ପାଦକ ଭାବରେ ଭବାନୀ ନାୟକ, ସହ ସମ୍ପାଦକ ଭାବରେ ମାମୁନି ଚକ୍ରବର୍ତ୍ତୀ, ରାମ ଦୁଆଲ ସିହ୍ନା, କୋଷାଧ୍ୟକ୍ଷ ଭାବେ କସ୍ତୁରୀ ରଞ୍ଜନ ଦାସ ମନୋନୀତ ହୋଇଛନ୍ତି। ଉପଦେଷ୍ଟା ମଣ୍ଡଳୀରେ କମଲ ସିଂ ରାଜପୁତ, ଭାସ୍କର ଦଣ୍ଡସେନା, ଇନ୍ଦଲ ନାୟକ, ଶ୍ରୀରାମ ସୁନାନୀ, ମାଳି ସିଂ ପାତ୍ର, ଦିବାକର ନାୟକ, ଲମ୍ବଧର ମାଝୀ, ଲକ୍ଷ୍ମୀକାନ୍ତ ଝାୱର୍ ପ୍ରମୁଖ ରହିଛନ୍ତି। ଚଳିତ ବର୍ଷ ଅଧିକ ଆକର୍ଷଣ ସାଙ୍ଗକୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ନିମନ୍ତେ ସ୍ୱତନ୍ତ୍ର କମିଟି ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ଚିଠା ପ୍ରସ୍ତୁତ ହୋଇଛି। ଚଳିତ ବର୍ଷ ୫୩ ବର୍ଷରେ ପଲ୍ଲୀ ସଂସଦ କ୍ଲବ୍ ଦୁର୍ଗା ପୂଜା ଆୟୋଜିତ ହେବ। ଏଥିପାଇଁ କମିଟି ଅଧିକ ଆକର୍ଷଣ ସାଙ୍ଗକୁ ସପ୍ତମୀ ପୂଜା ଠାରୁ ଦଶମୀ ପୂଜା ପର୍ଯ୍ୟନ୍ତ ଓ ବିସର୍ଜନ ମଧ୍ୟ ସ୍ୱତନ୍ତ୍ର ପାଇଁ ବରିଷ୍ଠମାନଙ୍କ ଠାରୁ ମତାମତ ନିଆଯାଇ ବ୍ୟୟ ବରାଦ ପ୍ରସ୍ତୁତ ହୋଇଛି। ପ୍ରତି ବର୍ଷ ଠାରୁ ଚଳିତ ବର୍ଷ ଅଧିକ ଉତ୍ସାହ ଓ ଆକର୍ଷଣ ଲାଇଟ୍ ସାଜସଜ୍ଜା ନିମନ୍ତେ ସ୍ୱତନ୍ତ୍ର ଚିଠା ପ୍ରସ୍ତୁତ ହୋଇଛି। ସମସ୍ତ କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳା ମଧ୍ୟରେ କିଭଳି ପୂଜା ଆୟୋଜିତ ହେବ କମିଟି ସ୍ୱତନ୍ତ୍ର ଗୁରୁତ୍ୱ ଦେଇଛି।

# ରାସ୍ତା ଭାଙ୍ଗୁଛି ବାହାଘର : ମୌଳିକ ସୁବିଧାରୁ ବଞ୍ଚିତ କୁଆଡ଼ବାସୀ

**ହାଟଡିହି, ନ୍ୟୁଜ୍ ବ୍ୟୁରୋ**



ସ୍ୱାଧୀନତାର ୮୦ ବର୍ଷ ପରେ ବି ଗାଁକୁ ଭଲ ରାସ୍ତା ନାହିଁ। ରାସ୍ତା ଯୋଗୁ ଗ୍ରାମବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ମୁଖ୍ୟତଃ ଗାଁରେ ବନ୍ଧୁ ବାନ୍ଧିବାକୁ କେହି ରାଜି ହେଉନାହାନ୍ତି। ବର ଓ କନ୍ୟା ପକ୍ଷ ଆସି ଗାଁ ରାସ୍ତା ଅବସ୍ଥା ଦେଖି ଫେରିଯାଉଛନ୍ତି। କେବଳ ବିପର୍ଯ୍ୟସ୍ତ ରାସ୍ତା ଯୋଗୁ ଗାଁର ଯୁବତୀଯୁବକଙ୍କ ବାହାଘର ଭାଙ୍ଗି ଯାଉଛି। ସରକାର ଡିଜିଟାଲ ଇଣ୍ଡିଆ, ସ୍ମାର୍ଟ ଭିଲେଜର ଡିଣ୍ଡିମ ପିଟୁଥିବା ବେଳେ ଆଜି ବି କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକର କୁଆଡ଼ ଗ୍ରାମବାସୀ ରାସ୍ତା ଭଳି ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ବାରମ୍ବାର ଆପତ୍ତି, ଦାବି କରିବା ପରେ ମଧ୍ୟ ଏଯାବତ୍ କୌଣସି ଫଳ ମିଳି ନ ଥିବାରୁ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ପ୍ରକାଶ ଯେ, ଗ୍ରାମରେ ପ୍ରାୟ ୯୦ ପରିବାରର ୫୦୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ସମଣା ରାଜସ୍ୱ ଗ୍ରାମ ଅଧୀନରେ ଗ୍ରାମଟି ଥିବା ବେଳେ ବୈତରଣୀ ନଦୀକୂଳରେ ହୋଇଥିବାରୁ ଅଧିକାଂଶ ଲୋକ ଚାଷ ଉପରେ ନିର୍ଭରଶୀଳ। ବ୍ଲକ୍‌ଠାରୁ ମାତ୍ର ୧୫କି.ମି. ଦୂରରେ ଗ୍ରାମଟି ରହିଥିଲେ ହେଁ ଗାଁକୁ ଚଳାଚଳ ଉପଯୋଗୀ ରାସ୍ତା ନାହିଁ। ଗ୍ରାମବାସୀ ଦୀର୍ଘ ବର୍ଷ ଧରି ଦାବିକରି ଆସୁଥିଲେ ହେଁ ରାଜସ୍ୱ ଗ୍ରାମ ଭାବେ ଘୋଷଣା ହୋଇପାରିନାହିଁ। ଗାଁକୁ ଯିବା ପାଇଁ ୩ ରାସ୍ତା ରହିଛି, ମାତ୍ର ସବୁ ରାସ୍ତା ବିପର୍ଯ୍ୟସ୍ତ। ଅଢ଼େଇଦୁଆରରୁ କେନାଲ ମାଟିବନ୍ଧ ରାସ୍ତା ବର୍ଷା ହେଲେ ଧସିବା ସହ କାଦୁଅ ପଚପଚ ହୋଇଯାଏ। ସରିଦା ଗ୍ରାମରୁ ବିଲ ହିଡ଼ ମାଟି ରାସ୍ତାଟି ଆଣ୍ଠୁଏ କାଦୁଅ। ଏଥିସହ ଗୋବିନ୍ଦପୁର ଗ୍ରାମରୁ ପାଣି ଭର୍ତ୍ତି ମାଟି ଖାଲ ରାସ୍ତା ରହିଛି। ରାସ୍ତାରେ ଗାଡ଼ି ତ ଦୂରର କଥା, ଚାଲିକି ଯିବା କଷ୍ଟ ହୁଏ। ଗାଁକୁ ଯିବାକୁ ହେଲେ ପ୍ରଥମେ ୨ରୁ ୩ କି.ମି. କାଦୁଅ ରାସ୍ତାରେ ଚାଲି ଚାଲି ଯିବାକୁ ପଡ଼େ। ଆମ୍ବୁଲାନ୍ସ ତ ଦୂରର କଥା ବର୍ଷାଦିନେ ବାଇକ୍‌ଟିଏ ବି ଗାଁ ଭିତରକୁ ଯାଇପାରୁନାହିଁ। ଆପାତଃ କାଳୀନ ସମୟରେ ରୋଗୀଙ୍କୁ ବୋହି ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ନେବାକୁ ପଡ଼େ। ପିଲାମାନେ କାଦୁଅରେ ପଶି ସ୍କୁଲ ଯାଆନ୍ତି। ରାଶନ ସାମଗ୍ରୀ ଆଣିବାକୁ ଗ୍ରାମବାସୀ କାଦୁଅ ରାସ୍ତାରେ ଚାଲି ଚାଲି ପ୍ରାୟ ୨କି.ମି. ଦୂର ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ବାଧ ହୁଅନ୍ତି। ଆନନ୍ଦପୁର ସିଭିଲ ସୋସାଇଟି ସମ୍ପାଦକ ଭଗବାନ ମଲ୍ଲିକ କହିଛନ୍ତି, ସ୍ୱାଧୀନତାର ୮୦ ବର୍ଷ ପରେ କୁଆଡ଼ ଗ୍ରାମକୁ ରାସ୍ତା ନ ହେବା ଦୁର୍ଭାଗ୍ୟଜନକ। ଗ୍ରାମର ନିରୁପମା ସେଠୀ, ମାଣିକ ବାରିକ, ସାବିତ୍ରୀ ସାହୁ, ଧରିତ୍ରୀ ବାରିକ, ନିରୁପମା ସା, କୁମୁଦିନୀ ସେଠୀ, କଳ୍ପନା ବାରିକ, କୋକିଳ ବାରିକ, ଚନ୍ଦ୍ରମଣି ବାରିକ ପ୍ରମୁଖ କହିଛନ୍ତି, ସରକାର, ଜିଲ୍ଲାପାଳ, ତହସିଲଦାର, ବିଡିଓ, ନେତା, ବିଧାୟକ ସବୁ ବଦଳୁଛନ୍ତ। କିନ୍ତୁ ଆମ ଗାଁର ରାସ୍ତା ଦୁଃଖ ବଦଳୁନାହିଁ। ରାସ୍ତା ଯୋଗୁ ଆମ ଝିଅ, ପୁଅଙ୍କ ବିବାହ ହୋଇପାରୁନାହିଁ। ଝିଅ, ପୁଅ ଦେଖିବାକୁ ଆସୁଥିବା ବନ୍ଧୁ ରାସ୍ତା ଦେଖି ଫେରିଯାଉଛନ୍ତି। ତଥାପି ମୁଖ୍ୟମନ୍ତ୍ରୀଙ୍କ ଜିଲାରେ ଏହି ଗ୍ରାମଟି ହୋଇଥିବାରୁ ରାସ୍ତା ଦୁଃଖ ଦୂର ହେବ ବୋଲି ଆଶା ରଖିଛୁ। ସମଣା ସରପଞ୍ଚ ଜଗବନ୍ଧୁ କାଣ୍ଡି କହିଛନ୍ତି, ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳ, ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି, ଆନନ୍ଦପୁର ଉପ ଜିଲ୍ଲାପାଳଙ୍କୁ ଜଣାଇଛୁ। ପଞ୍ଚାୟତ ସମିତି ବୈଠକରେ ମଧ୍ୟ ଜଣାଯାଇଛି। ରାସ୍ତା ନିର୍ମାଣ ପାଇଁ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଥର ଅଭିଯୋଗ ହେଲାଣି। କିନ୍ତୁ ରାସ୍ତା ନିର୍ମାଣ ହୋଇପାରୁନାହିଁ।

# ସରକାରୀ ସହାୟତାରୁ ବଞ୍ଚିତ ଗରିବ ଓ ଅସହାୟ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟସରକାର ଠାରୁ ଆରମ୍ଭ କରି କେନ୍ଦ୍ରସରକାରଙ୍କ ପର୍ଯ୍ୟନ୍ତ ଗରିବ ଓ ଅସହାୟ ବ୍ୟକ୍ତିଙ୍କ ପାଇଁ ଯୋଜନା ଉପରେ ଯୋଜନା କରୁଥିବା ବେଳେ ତାହା ବାସ୍ତବରେ ଅସହାୟ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ଏବେବି ଅସହାୟ ଓ ଗରିବ ବ୍ୟକ୍ତିମାନେ ଖୋଲା ଆକାଶତଳେ ଓ ପର ବାରଣ୍ଡାରେ ଶୋଇ ଜୀବନ କାଟୁଛନ୍ତି। ଖଣ୍ଡିଏ ପଲିଥିନ୍ ପାଇଁ ଗରଦପୁର ତହସିଲ୍‌କୁ ଦୌଡ଼ି ଦୌଡ଼ି ନିରାଶ ହେବା ପରେ ଏହି ଅସହାୟ ବ୍ୟକ୍ତିଜଣଙ୍କ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଦୁର୍ନୀତି ଓ ଅବହେଳା ଯୋଗୁଁ ତାହା ବାଟବଣା ହେଉଛି। ଏହାର ଏକ ଦୁଃଖଦ ଚିତ୍ର ଦେଖିବାକୁ ମିଳିଛି ଗରଦପୁର ବ୍ଲକ ଅଞ୍ଚଳରେ। ଭଗବାନପୁର ପଞ୍ଚାୟତ ଧାନମଣ୍ଡଳ ଗ୍ରାମର ସ୍ୱର୍ଗତ ଆଦିକନ୍ଦ ପ୍ରଧାନଙ୍କ ଦ୍ୱିତୀୟ ପତ୍ନୀ ପାରିବାରିକ କଳହ ଯୋଗୁଁ ଦୀର୍ଘ ୨୫ ବର୍ଷ ଧରି ଧସନାପାରି (ସାନ ଅଡ଼ଙ୍ଗା)ସ୍ଥିତ ଏକ ନିର୍ଜନ ସ୍ଥାନରେ ନିଜ ପିଲାମାନଙ୍କୁ ନେଇ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ଚାରି ପ୍ରାଣୀ କୁଟୁମ୍ବ ଥିବା ଏହି ପରିବାର ମଧ୍ୟରୁ ମାତ୍ର ଦୁଇଜଣଙ୍କ ନାମରେ ୫ କିଲୋ ଲେଖାଏଁ ରାସନ ଚାଉଳ ମିଳୁଛି। ବଡ଼ ପୁଅ ମାନସିକ ବିକଳାଙ୍ଗ ହୋଇଥିବା ବେଳେ ଅନ୍ୟ ପିଲାମାନଙ୍କ ପାଠପଢ଼ା ଓ ପିନ୍ଧିବା ଲୁଗାପଟା ଖର୍ଚ୍ଚ ଯୋଗାଡ଼ କରିବାକୁ ମା'ଙ୍କୁ ଦ୍ୱାର ଦ୍ୱାର ବୁଲି ମାଗିବାକୁ ପଡୁଛି। ଏହି ଜଙ୍ଗଲିଆ ଓ ନିର୍ଜନ ପରିବେଶରେ ବର୍ଷା ଦିନେ ବିଷାକ୍ତ ସରୀସୃପଙ୍କ ଭୟ ମଧ୍ୟରେ ସେମାନଙ୍କ ଜୀବନ ସର୍ବଦା ବିପଦସଙ୍କୁଳ ଅବସ୍ଥାରେ ରହୁଛି। ଚଳିତ ବର୍ଷ ପ୍ରବଳ ଲଗାଣ ବର୍ଷାରେ ଘର ଉପରେ ପଡ଼ିଥିବା ପାଲଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାରୁ ମୁଣ୍ଡ ଗୁଞ୍ଜିବା ଅସମ୍ଭବ ହୋଇପଡ଼ିଛି। ମୁଣ୍ଡ ଉପରେ ଛାତ ଖଣ୍ଡିଏ ନଥିବାରୁ ଏହି ଅସହାୟ ବିଧବା ମହିଳା ଗତ ଅଗଷ୍ଟ ୧୯ ତାରିଖରେ ଖଣ୍ଡିଏ ପଲିଥିନ୍ ପାଇଁ ଗରଦପୁର ତହସିଲ କାର୍ଯ୍ୟାଳୟରେ ଗୁହାରି କରିଥିଲେ। କିନ୍ତୁ ବାରମ୍ବାର ତହସିଲ କାର୍ଯ୍ୟାଳୟ ଧାଇଁ ମଧ୍ୟ ତାଙ୍କୁ କେବଳ ନିରାଶା ହିଁ ମିଳିଛି। ଅଭିଯୋଗ ଅନୁଯାୟୀ, ବିଭାଗୀୟ କର୍ମଚାରୀ ଖଣ୍ଡିଏ ପଲିଥିନ୍ ଦେବା ବଦଳରେ ତାଙ୍କଠାରୁ ଉତ୍କୋଚ ଦାବି କରିଥିବା ସେ ଅଭିଯୋଗ କରିଛନ୍ତି।

# ଗୋଚର ଜମିରେ ବୃହତ୍ ବସ୍‌ଷ୍ଟାଣ୍ଡ ନିର୍ମାଣକୁ ତୀବ୍ର ବିରୋଧ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ବ୍ରଜରାଜନଗର ଟାଉନ୍ ୟୁନିଟ୍-୨ର ରକ୍ଷିତ ଖାତା ନଂ-୬୩୩, ପ୍ଲଟ୍ ନଂ-୨୯୬୦ ଗୋଚର କିସମ ଜମିରେ ପ୍ରସ୍ତାବିତ ବୃହତ୍ ବସ୍‌ଷ୍ଟାଣ୍ଡ ନିର୍ମାଣକୁ ବିରୋଧ କରି ବ୍ରଜରାଜନଗର ପୌର ପରିଷଦର ଅଧିବାସୀବୃନ୍ଦ ଓ ରାଧାକୃଷ୍ଣ ଉନ୍ନୟନ ପରିଷଦ, ଖଲିଆକାନୀ ପକ୍ଷରୁ ଝାରସୁଗୁଡ଼ା ତହସିଲଦାରଙ୍କ ନିକଟରେ ବିସ୍ତୃତ ସ୍ମାରକପତ୍ର ଦାଖଲ କରାଯାଇଛି। ଏଥିସହ ଉକ୍ତ ପ୍ରସ୍ତାବ ସମ୍ପର୍କିତ ରେଭେନ୍ୟୁ ରେକର୍ଡ ଓ ପ୍ରଶାସନିକ ପ୍ରକ୍ରିୟାର ନିରପେକ୍ଷ ଯାଞ୍ଚ ଦାବି କରାଯାଇଛି। ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡ ସ୍ଥଳ ଚତୁଃପାର୍ଶ୍ୱରେ ବ୍ରଜରାଜନଗର କଲେଜ, ଅଙ୍ଗନୱାଡ଼ି କେନ୍ଦ୍ର, ଶିଶୁ ଉଦ୍ୟାନ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ସ୍ପୋର୍ଟସ୍ ଷ୍ଟାଡିୟମ୍ ରହିଛି। ଏଠାରେ ବୃହତ୍ ବସ୍‌ଷ୍ଟାଣ୍ଡ ନିର୍ମାଣ ହେଲେ ଯାନବାହନର ଭିଡ଼, ଶବ୍ଦ ପ୍ରଦୂଷଣ, ଧୂଳି-ଧୂଆଁ ଓ ଟ୍ରାଫିକ୍ ସମସ୍ୟା ବଢ଼ି ଛାତ୍ରଛାତ୍ରୀଙ୍କ ପାଠପଢ଼ା, ରୋଗୀଙ୍କ ଚିକିତ୍ସା, ଶିଶୁଙ୍କ ବିକାଶ ଏବଂ ଖେଳାଳିଙ୍କ ଅଭ୍ୟାସ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବ ବୋଲି ଆଶଙ୍କା ପ୍ରକାଶ କରାଯାଇଛି। ଆବେଦନକାରୀମାନେ ଅଭିଯୋଗ କରିଛନ୍ତି ଯେ, ଉକ୍ତ ଜମି ଗୋଚର କିସମ ଭାବେ ରେଭେନ୍ୟୁ ରେକର୍ଡରେ ଦର୍ଜ ଥିବା ସତ୍ତ୍ୱେ ପରବର୍ତ୍ତୀ ସମୟରେ କେଉଁ ଆଇନଗତ ପ୍ରକ୍ରିୟାରେ ଏହାର କିସମ ପରିବର୍ତ୍ତନ କରାଯାଇ ଅନାବାଦୀ/ପତିତ ଭାବେ ଦର୍ଜ କରାଗଲା, ସେ ସମ୍ପର୍କରେ ସ୍ପଷ୍ଟତା ନାହିଁ। ଏହି ପରିବର୍ତ୍ତନ ପଛରେ ଥିବା ଆଦେଶ, ଅନୁମୋଦନ ଓ ଆଇନଗତ ଆଧାରକୁ ସାର୍ବଜନୀନ କରିବାକୁ ସେମାନେ ଦାବି କରିଛନ୍ତି। ସ୍ମାରକପତ୍ରରେ ଡି.ଆର. କେସ୍ ନଂ-୩୫/୨୦୨୫ ଏବଂ ପି.ଆର. ନୋଟିସ୍ ନଂ-୩୧୬ (ତାରିଖ ୨୦ ସେପ୍ଟେମ୍ବର ୨୦୨୫) ସମ୍ପର୍କରେ ମଧ୍ୟ ଗୁରୁତର ପ୍ରଶ୍ନ ଉଠାଯାଇଛି। ଅଭିଯୋଗ ହୋଇଛି ଯେ, ସର୍ବସାଧାରଣ ନୋଟିସ୍ ଯଥାବିଧି ପ୍ରଚାର କରାଯାଇନଥିଲା। ସେହିପରି ନୋଟିସ୍ ରେ ଉଲ୍ଲେଖିତ ଭୂମି ବିବରଣୀ ଓ ରେଭେନ୍ୟୁ ରେକର୍ଡ ମଧ୍ୟରେ ଖାତା ଓ ପ୍ଲଟ୍ ନମ୍ବରକୁ ନେଇ ଅସଙ୍ଗତି ଥିବାରୁ ସମଗ୍ର ପ୍ରକ୍ରିୟାର ନିରପେକ୍ଷ ତଦନ୍ତ ଦାବି କରାଯାଇଛି।

ଅନ୍ୟପକ୍ଷରେ, ଉକ୍ତ ଅଞ୍ଚଳରେ ୫୦ ଲକ୍ଷ ଟଙ୍କାରୁ ଅଧିକ ବ୍ୟୟରେ ସ୍ପୋର୍ଟସ୍ କମ୍ପ୍ଲେକ୍ସ ନିର୍ମାଣ ହୋଇଥିବା ସହ ବ୍ରଜରାଜନଗର କଲେଜ ନିକଟରେ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ଅଡିଟୋରିଅମ୍ ନିର୍ମାଣ ପ୍ରକଳ୍ପ ଆରମ୍ଭ ହୋଇଥିବା ଉଲ୍ଲେଖ କରାଯାଇଛି। ଏପରି ସ୍ଥାନରେ ବୃହତ୍ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଗଲେ ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା ଓ ଭବିଷ୍ୟତ ଭିତ୍ତିଭୂମି ବିକାଶ ବାଧାପ୍ରାପ୍ତ ହେବ ବୋଲି ସ୍ଥାନୀୟ ଲୋକମାନେ ମତ ପ୍ରକାଶ କରିଛନ୍ତି। ସ୍ମାରକପତ୍ରରେ ବ୍ରଜରାଜନଗର ୟୁନିଟ୍-୨ର ଗୋଚର ଜମିରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପ୍ରସ୍ତାବକୁ ତୁରନ୍ତ ବାତିଲ କରିବା, ସମ୍ପୃକ୍ତ ସମସ୍ତ ରେଭେନ୍ୟୁ ରେକର୍ଡ ଓ ପ୍ରଶାସନିକ ପ୍ରକ୍ରିୟାର ନିରପେକ୍ଷ ଯାଞ୍ଚ, ସମସ୍ତ ଆଦେଶ ଓ ରେକର୍ଡର ପ୍ରମାଣିତ ନକଲ ପ୍ରଦାନ କରିବା ସହ ବସ୍‌ଷ୍ଟାଣ୍ଡ ପାଇଁ ବିକଳ୍ପ ଉପଯୁକ୍ତ ସ୍ଥାନ ଚିହ୍ନଟ କରିବାକୁ ଦାବି କରାଯାଇଛି। ସେମାନେ ଏହା ମଧ୍ୟ ଜଣାଇଛନ୍ତି ଯେ, ଏହି ପ୍ରସଙ୍ଗରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଡବ୍ଲୁପି(ସି) ନମ୍ବର ୨୪୩୦୯, ୨୦୨୬ ମାମଲାର ୨୮ ଅଗଷ୍ଟ ୨୦୨୬ ତାରିଖର ଆଦେଶର ଏକ ପ୍ରମାଣିତ ନକଲ ତହସିଲଦାରଙ୍କ ଅବଗତି ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ସଂଲଗ୍ନ କରାଯାଇଛି। ସଙ୍ଗରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଡବ୍ଲୁପି(ସି) ନମ୍ବର ୨୪୩୦୯, ୨୦୨୬ ମାମଲାର ୨୮ ଅଗଷ୍ଟ ୨୦୨୬ ତାରିଖର ଆଦେଶର ଏକ ପ୍ରମାଣିତ ନକଲ ତହସିଲଦାରଙ୍କ ଅବଗତି ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ସଂଲଗ୍ନ କରାଯାଇଛି।

# ଜମିପଟ୍ଟା ନପାଇ ଚାଷୀ ହନ୍ତସନ୍ତ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଶେରଗଡ଼ ତହସିଲ ବହୁଚାଷୀ ସେମାନଙ୍କ ପୂର୍ବ ପୁରୁଷଙ୍କ ନାମରେ ରହିଥିବା ଜମି ପଟ୍ଟାର ସଂଶୋଧନ କରିବାକୁ ବିଧିବଦ୍ଧ ଭାବେ ଦୀର୍ଘ ଛଅମାସରୁ ଉର୍ଦ୍ଧ୍ୱ ସମୟ ହେଲା ତହସିଲ କାର୍ଯ୍ୟାଳୟରେ ଆବେଦନ କରିଥିଲେ ମଧ୍ୟ ସେମାନଙ୍କ ପଟ୍ଟା ପରିବର୍ତ୍ତନ କରି ଏ ଯାଏ ପ୍ରଦାନ କରାଯାଇ ନ ଥିବାରୁ ଏହି ଚାଷୀମାନେ ଚାଷୀ ପଞ୍ଜିକରଣ ଓ ଫସଲ ବୀମା କରିବା ପାଇଁ ବହୁ ହନ୍ତସନ୍ତ ଶୋଇଥିବା ଜଣାପଡ଼ିଛି। ତୁରନ୍ତ ଶେରଗଡ଼ ତହସିଲଦାର ଚାଷୀମାନଙ୍କ ପଟ୍ଟା ବଣ୍ଟନ କରିବାକୁ ଚାଷୀ ମହଲରେ ଦାବି ହେଉଛି। ଗଞ୍ଜାମ ଜିଲ୍ଲାପାଳ ଓ ରାଜସ୍ୱ ମନ୍ତ୍ରୀ ଘଟଣାର ଅନୁଧ୍ୟାନ କରିବାକୁ ମଧ୍ୟ ଦାବି ହେଉଛି।

32 YEARS
ସମ୍ବାଦ କଳିକା

# ମାତ୍ର ୫୦୦ ଟଙ୍କାର ଭୁଲ୍ ବିଗାଡ଼ି ପାରେ ଆପଣଙ୍କ ସିବିଲ୍ ସ୍କୋର

ଅନେକ ସମୟରେ ଲୋକମାନେ କ୍ରେଡିଟ୍ କାର୍ଡ କିମ୍ବା ଲୋନ୍ ଇଏମଆଇ (EMI) ଦେବା ସମୟରେ ୫୦୦ କିମ୍ବା ୧୦୦୦ ଟଙ୍କା ପରି ଛୋଟ ପରିମାଣକୁ ଅଣଦେଖା କରି ଦିଅନ୍ତି । ଏତେ ଛୋଟ ରକମରେ ଆର୍ଥିକ ସ୍ଥିତି ଉପରେ କିଛି ଫରକ ପଡ଼ିବ ନାହିଁ ବୋଲି ଭାବିବା ଆପଣଙ୍କ ପାଇଁ ମହଙ୍ଗା ପଡ଼ିପାରେ । କ୍ରେଡିଟ୍ ହେଲଥ୍ ବିଷୟରେ ନିୟମ ସମ୍ପୂର୍ଣ୍ଣ ଭିନ୍ନ । ଯଦି ଆପଣ ବି ଏହି ଛୋଟ ବକେୟା ରାଶିକୁ ହାଲୁକା ଭାବେ ନେଉଛନ୍ତି, ତେବେ ସାବଧାନ ହେବାର ସମୟ ଆସି ଯାଇଛି । କ୍ରେଡିଟ୍ ସ୍କୋର୍ ଦୁନିଆରେ ପେଣ୍ଡିଂ ବିଲର ପରିମାଣ ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ବିଳମ୍ବର ଅବଧି । ଅର୍ଥାତ୍ ପେମେଣ୍ଟ କେତେ ଦିନ ଧରି ବକେୟା ରହିଛି, ତାହା ସବୁଠାରୁ ବଡ଼ କଥା । ପେମେଣ୍ଟରେ ବିଳମ୍ବ କରିବା ଅଭ୍ୟାସରେ ପରିଣତ ହେଲେ, ଏହା ସିଧାସଳଖ ଆପଣଙ୍କ କ୍ରେଡିଟ୍ ସ୍କୋରକୁ କମାଇ ଦିଏ । ଆପଣଙ୍କର ରିପେମେଣ୍ଟ ହିଷ୍ଟ୍ରି (ଟଙ୍କା ଫେରସ୍ତ କରିବାର ରେକର୍ଡ) ହିଁ ଆପଣଙ୍କ ଆର୍ଥିକ ଭରସା ନିର୍ଦ୍ଧାରଣ କରେ । ଭାରତରେ ମୁଖ୍ୟତଃ ଚାରୋଟି କ୍ରେଡିଟ୍ ବ୍ୟୁରୋ କାର୍ଯ୍ୟ କରନ୍ତି– ଟ୍ରାନ୍ସୟୁନିଅନ୍ ସିବିଲ୍ (TransUnion CIBIL), ଏକ୍ସପେରିଆନ୍ (Experian), ଇକ୍ୱିଫ୍ୟାକ୍ସ (Equifax) ଏବଂ କ୍ରିଫ୍ ହାଇ ମାର୍କ (CRIF High Mark) । ଏହି ସଂସ୍ଥାଗୁଡ଼ିକ ୩୦୦ ରୁ ୯୦୦ ମଧ୍ୟରେ ଆପଣଙ୍କ ସ୍କୋର୍ ଧାର୍ଯ୍ୟ କରନ୍ତି । ଫାଇବେ (Fibe)ର ଏମଡି ତଥା ଗ୍ରୁପ୍ ସିଇଓ ଅକ୍ଷୟ ମେହରୋତ୍ରାଙ୍କ ଅନୁସାରେ, ଥରୁଟିଏ ବିଳମ୍ବ ହେଲେ ତୁରନ୍ତ ସ୍କୋର୍ କମି ନଥାଏ, ଯଦି ତାହା ରିପୋର୍ଟିଂ ସାଇକେଲ୍ ମଧ୍ୟରେ ସୁଧାରି ଦିଆଯାଏ । କିନ୍ତୁ ବର୍ତ୍ତମାନ ବ୍ୟାଙ୍କ ଓ ଲୋନ୍ ଦେଉଥିବା ସଂସ୍ଥାଗୁଡ଼ିକ ପ୍ରତି ସପ୍ତାହରେ କ୍ରେଡିଟ୍ ତଥ୍ୟ ଅପଡେଟ୍ କରୁଛନ୍ତି । ଏଭଳି ସ୍ଥିତିରେ କୌଣସି ପେମେଣ୍ଟ ବକେୟା ରହିଲେ, ତାହା ତୁରନ୍ତ ସିଷ୍ଟମରେ ଦେଖାଯାଏ । ଏଆଇ (AI) ଟୁଲ୍ସ ସାହାଯ୍ୟରେ ବ୍ୟାଙ୍କଗୁଡ଼ିକ ଏବେ ପ୍ରତ୍ୟେକ ଛୋଟ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖୁଛନ୍ତି । ବିଲ୍ ବାଉନ୍ସ ହେବା ପରେ କରନ୍ତୁ ଏହି ୫ଟି କାମ : ଯଦି ଆପଣଙ୍କର ୫୦୦ ଟଙ୍କାର ପେମେଣ୍ଟ ଭୁଲରେ ବାକି ରହି ଯାଇଛି, ତେବେ ବଡ଼ କ୍ଷତିରୁ ବଞ୍ଚିବା ପାଇଁ ତୁରନ୍ତ ଏହି ପଦକ୍ଷେପ ନିଅନ୍ତୁ : ବିନା କୌଣସି ବିଳମ୍ବରେ ନିଜର ବକେୟା ବିଲ୍ ତୁରନ୍ତ ପରିଶୋଧ କରନ୍ତୁ । ବିଲ୍ ଭରିବା ପରେ ଲେଟ୍ ଫି' କିମ୍ବା ପେନାଲ୍ଟି ଚାର୍ଜ ଯାଞ୍ଚ କରନ୍ତୁ ଏବଂ କୌଣସି ଅତିରିକ୍ତ ଶୁଳ୍କ ଥିଲେ ତାହାକୁ ମଧ୍ୟ ଦେଇ ଦିଅନ୍ତୁ । ପେମେଣ୍ଟ କରିବା ପରେ ଲୋନ୍ ଦେଇଥିବା ସଂସ୍ଥା/ବ୍ୟାଙ୍କ ରେକର୍ଡରେ ଯାଞ୍ଚ କରି ନିଶ୍ଚିତ ହୁଅନ୍ତୁ ଯେ ଆପଣଙ୍କ ଆକାଉଣ୍ଟ ଅପ–ଟୁ–ଡେଟ୍ ହୋଇ ସାରିଛି । ନିୟମିତ ଭାବେ ନିଜର କ୍ରେଡିଟ୍ ରିପୋର୍ଟ ଚେକ୍ କରନ୍ତୁ, ଯେପରି କୌଣସି ଭୁଲ୍ ଏଣ୍ଟ୍ରି ରେକର୍ଡ ନ ହୁଏ । ଅଟୋ–ପେ (Auto-Pay) ସେଟ୍ କରନ୍ତୁ । ଭବିଷ୍ୟତରେ ଏଭଳି ଭୁଲରୁ ବଞ୍ଚିବା ପାଇଁ ସଦାସର୍ବଦା ଅଟୋ–ପେ ସିଷ୍ଟମ୍ ଅନ୍ ରଖନ୍ତୁ କିମ୍ବା କ୍ୟାଲେଣ୍ଡରରେ ରିମାଇଣ୍ଡର୍ ସେଟ୍ କରନ୍ତୁ ।



## (ନିରପେକ୍ଷ ଶାସନ ପଦ୍ଧତି)

## ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ ଠାକୁର ସମସ୍ତଙ୍କ କଥା ଶୁଣନ୍ତି ଓ ବୁଝନ୍ତି

### ଆଡମ୍ବର

ଶ୍ରଦ୍ଧେୟ ଭକ୍ତବୃନ୍ଦ ଆଡମ୍ବରରେ ରୁହ ମନାନାହିଁ କିନ୍ତୁ ବଡ ଆଡମ୍ବର ଭାରି ଖରାପ । କଥାରେ ଅଛି (ବହୁ ଆଡମ୍ବରେ ଲଘୁ କ୍ରିୟା) ବହୁ ଆଡମ୍ବର ଦ୍ୱାରା ତୁମର କ୍ରିୟା କର୍ମ ସବୁ ଛୋଟ ହୋଇଯାଏ । ତମର ମାନ ସମ୍ମାନ ପ୍ରତି ବିପଦ ସୃଷ୍ଟି ହୁଏ । ଯୋଜନା ଅନୁସାରେ ଫଳ ପ୍ରତିପାଦନ ହୋଇପାରିବ ନାହିଁ । ସମସ୍ତେ ତୁମକୁ ଘୃଣା ଚକ୍ଷୁରେ ଦେଖିବା ଆରମ୍ଭ କରି ଦେଇଥାଆନ୍ତି। ତେଣୁ ହେ ଭକ୍ତ ହେ ପୁତ୍ର ତୁମେ ତୁମର କର୍ମ ଉପରେ ଧ୍ୟାନ ଦିଅ । ଆଡମ୍ବର ଉପରେ ଧ୍ୟାନ ଦେଇ ତୁମେ କଳୁଷିତ ହୁଅନାହିଁ । କାରଣ ଆଡମ୍ବର ହିଁ ଅଂହଙ୍କାର ଆଡମ୍ବର ହିଁ ତୁମର ଗୁପ୍ତ ଶତ୍ରୁ ରୂପେ ସମାଜକୁ ଚିହ୍ନାଇ ଦେଇଥାଏ। ତୁମର ସୂକ୍ଷ୍ମ ଚେତନାକୁ ନଷ୍ଟ କରିଦେଇଥାଏ । ତୁମର ବୁଦ୍ଧିକୁ ବିନାଶ କରି ତୁମକୁ ତାର ଗୋଲାମ କରିଦେଇଥାଏ। କିନ୍ତୁ ତୁମେ ସେତେବେଳେ ଏକପ୍ରକାର ଅନ୍ଧ(ମୋହାନ୍ଧ) ପାଲଟି ଯାଇ ସର୍ବନାଶକୁ ତୁମେ ହିଁ ତୁମର ଗଳାରେ ବାନ୍ଧି ସଂସାରରେ ବୁଲୁଥାଅ । ତେଣୁ ହେ ଭକ୍ତ ସାବଧାନ, କର୍ମ ହିଁ ଧର୍ମ, କର୍ମ ହିଁ ତୁମର ଶକ୍ତି, ତେଣୁ ଶକ୍ତିରେ ଅପଚୟ କର ନାହିଁ । ଆତ୍ମାକୁ କଷ୍ଟ ହେବ । ତେଣୁ ତୁମେ କେବଳ ତୁମର ନୁହଁ । ତୁମେ ସଂସାରର ସମାଜର ସୃଷ୍ଟିର ତେଣୁ ନିଜକୁ ନିଜେ ସଂଜତ କରିବା ହିଁ ବ୍ୟକ୍ତିତ୍ୱ । ଏହି ବ୍ୟକ୍ତିତ୍ୱ ଆଡମ୍ବରରୁ ଜଣାପଡେନାହିଁ । ଏହା ସହନଶୀଳତାରୁ, ଧର୍ଯ୍ୟଠାରୁ , ପରଉପକାରୀ ମାତା, ପିତା, ଗୁରୁଙ୍କ ଠାରୁ ଜଣାପଡିଥାଏ । ଆଡମ୍ବରରୁ ହିଂସା , କ୍ରୋଧ, ମିଥ୍ୟା, ଲୋଭର ସୃଷ୍ଟି ହୋଇଥାଏ । ତେଣୁ ଧାନରୁ ଅଗାଡି ବାଛି ପକାଆ ଆଉ ସମୟ ନାହିଁ । ଏହା ତୁମ ପାଇଁ ଉପଯୁକ୍ତ ସମୟ । ବେଳ ଥାଉଁ ଥାଉଁ ଆତ୍ମଦର୍ଶୀ ହୁଅ । ନଚେତ୍ ଏହି ଆଡମ୍ବର ଚାଲିଚଳନ ତୁମରି ପାଇଁ କ୍ଷତି ପହଞ୍ଚାଇବା ଏଥିରେ ତିଳେ ହେଲେ ସନ୍ଦେହ ନାହିଁ । ହରିଓଁ ।

# ଓଡ଼ିଶାରେ ନାଗ ପୂଜା-୬



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ସୁନ୍ଦରପଦା, କପିଳେଶ୍ୱର ଏବଂ ଧଉଳିର ମଧ୍ୟବର୍ତ୍ତୀ ଅଞ୍ଚଳ ଉରକୋଳ (ଉରୁବେଳ)ଠାରେ ରହିଛି ପ୍ରାୟ ଦଶ ଏକର ପରିମିତି ମହାଭୋଇ ପୁଷ୍କରିଣୀ। ଏହାକୁ ମହାଭୋଇ (ଭୋଗୀ) ବା ମହାବୋଧି ପୁଷ୍କରିଣୀ ନାମରେ ମଧ୍ୟ କହିଥାନ୍ତି । ମାତ୍ର ଯେଉଁ ନାମ ହେଲେ ମଧ୍ୟ ବୌଦ୍ଧ ସଂସ୍କୃତିକୁ ନେଇ ଏପରି ନାମକରଣ ହୋଇଛି । ପୁଷ୍କରିଣୀର ହୁଡ଼ା ବା ବନ୍ଧ ଉପରେ ପ୍ରତ୍ନତାତ୍ତ୍ୱିକ ଖନନ ଗତ ୨୦୦୮ ମସିହା ଡିସେମ୍ବର ମାସରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ତତ୍କାଳୀନ ଅଧ୍ୟକ୍ଷ ଡ. ଚନ୍ଦ୍ରଭାନୁ ପଟେଲଙ୍କ ଉଦ୍ୟମରେ ହୋଇଥିଲା । ଖ୍ରୀଷ୍ଟପୂର୍ବର ବହୁ ମାଟିର ଖପରା, ପଥର କାମ ସେଠାରୁ ମିଳିଥିଲା ଯାହାକି ସ୍ଥାନଟିର ପ୍ରାଚୀନତାକୁ ଚିହ୍ନାଇ ଦେଇଛି । ବିନ୍ଦୁସାରଙ୍କର ଅଗ୍ରମହିଷୀ ଥିଲେ କୋଶଳା ଦେବୀ ଯେ କି ଥିଲେ ମହାକୋଶଳର ରାଜକୁମାରୀ । ତେଣୁ ସେପରି ଅବସ୍ଥିତିକୁ ନେଇ ଆଲୋଚନା କଲେ ଦେଖାଯାଏ ଯେ ବିନ୍ଦୁସାଗର ଓ କୋଶଳାଗାଙ୍ଗ ବା ବର୍ତ୍ତମାନର କୌଶଲ୍ୟାଗାଙ୍ଗ ମଝିରେ ସାମାନ୍ୟ ଦକ୍ଷିଣକୁ ରହିଛି ମହାଭୋଇ (ଭୋଗୀ) ବା ମହାବୋଧି ପୁଷ୍କରିଣୀ । ତେଣୁ ସମ୍ରାଟ ଅଶୋକ ନିଜ ମାତା ଓ ପିତାଙ୍କ ସ୍ମୃତିରେ ଏପରି ଦୁଇଟି ବୃହତ ପୁଷ୍କରିଣୀ ଖୋଳାଇବା ସହ ମଝିରେ ବୌଦ୍ଧଧର୍ମର ପ୍ରତୀକ ମହାଭୋଇ (ଭୋଗୀ) ପୁଷ୍କରିଣୀ ଖୋଳାଇଥିବାକୁ ଅସ୍ୱୀକାର କରିହେବନାହିଁ । ମହାଭୋଇ (ଭୋଗୀ)ମାନେ ଅନନ୍ତ ବା ବାସୁକି ନାଗବଂଶୀୟ । ଭୋଗୀ ଶବ୍ଦରୁ ଭୋଇ ଅପଭ୍ରଂଶ ହୋଇଛି । ସେମାନେ ନାଗ ଗୋତ୍ର ସମ୍ଭୂତ ହେବା ସହ ବହୁ ଉପଜାତିରେ ବିଭକ୍ତ । ଶ୍ରାବସ୍ତୀର ଭୟଙ୍କର ମହାନାଗରାଜ ଉରୁବେଳ ଗୌତମବୁଦ୍ଧଙ୍କ ଦ୍ୱାରା ବଶୀଭୂତ ହୋଇଥିବାର ଜାତକ ଗଳ୍ପମାନଙ୍କରେ ବର୍ଣ୍ଣନା ଅଛି । ପୁଣି ଉରୁବେଳ ଅରଣ୍ୟରେ ତପସ୍ୟା କରି ତଥାଗତ ବୁଦ୍ଧତ୍ୱ ପାଇଥିଲେ । ଉପର ଆଲୋଚିତ ପୁଷ୍କରିଣୀ ନିକଟରେ ଉରୁକେଳ ନାମରେ ଏକ ରାଜସ୍ୱ ଜନପଦ ଏବେ ବି ରହିଛି । ଉପର ଆଲୋଚିତ ପୁଷ୍କରିଣୀ ନିକଟରେ ଉରୁକେଳ ନାମରେ ଏକ ଜନପଦ ଏବେ ବି ରହିଛି । ତେଣୁ ସେପରି ନାମରେ ସ୍ଥାନ ଓ ପୁଷ୍କରିଣୀ ଏଠାରେ ନାମିତ ହେବାର କଥାକୁ ଆଲୋଚନାରୁ ଆଦୌ ଏଡ଼ାଇ ଦିଆଯାଇ ନପାରେ । ଯଦି ମହାବୋଧି ନାମରେ ପୁଷ୍କରିଣୀ ନାମିତ ହୋଇଥିବା କୁହାଯାଏ ତେବେ ତାହା ମଧ୍ୟ ତଥାଗତଙ୍କର ସ୍ମାରକୀ ଭାବେ ଗ୍ରହଣ କରାଯାଇପାରେ । ଗଜପତି ଶାସନବେଳେ ଏହି ଭୋଇ (ଭୋଗୀ)ମାନେ ମୁଖ୍ୟତଃ ନିଷ୍କର ଜମି ଭୋଗ କରି ରାଜକାର୍ଯ୍ୟ ତଦାରଖ କରୁଥିଲେ । ସେମାନଙ୍କର କାର୍ଯ୍ୟ ଥିଲା ଜନପଦମାନଙ୍କରେ ବୁଲି ସୈନ୍ୟ ସଂଗ୍ରହ କରିବା । ଯଦି କେହି ସୈନ୍ୟବାହିନୀର ଯୋଗ୍ୟ ବିବେଚିତ ହେବାପରେ ବି ଯୋଗଦେବାକୁ ଅମଙ୍ଗ ହେଉଥିଲା ସେମାନଙ୍କୁ କଠୋର ଦଣ୍ଡ ଦେବାର ଅଧିକାର ସେମାନଙ୍କ ଉପରେ ନ୍ୟସ୍ତ ଥିଲା । ପୁନର୍ବାର ସେମାନେ ଯୁଦ୍ଧଯାତ୍ରା ସମୟରେ ସୈନ୍ୟମାନଙ୍କୁ ଗନ୍ତବ୍ୟସ୍ଥଳକୁ ନେବାସହ ଛାଉଣୀ ପଡ଼ିବାର ସମସ୍ତ ଦାୟିତ୍ୱ ବୁଝୁଥିଲେ । ତେଣୁ ସେପରି କାର୍ଯ୍ୟରେ ବିଭିନ୍ନ ସ୍ଥାନ ବୁଲୁଥିବା ହେତୁ ପରିବାର ସହିତ ଏକାଠି ରହିବାର ସୁଯୋଗ ସେମାନଙ୍କର ନଥିଲା । ଏଥିପାଇଁ ପର୍ଯ୍ୟାପ୍ତ ନିଷ୍କର ଜମି ପରିବାର ଚଳାଇବା ନିମନ୍ତେ ସେମାନଙ୍କୁ ରାଜଶାସନ ପକ୍ଷରୁ ଦିଆଯାଉଥିଲା । ବର୍ତ୍ତମାନ ପୁରୀର ଶ୍ରୀଜଗନ୍ନାଥ ଓ ଭୁବନେଶ୍ୱରର ଶ୍ରୀଲିଙ୍ଗରାଜଙ୍କ ରଥ ନିର୍ମାଣରେ ଏମାନେ ପ୍ରମୁଖ ଭୂମିକା ନିର୍ବାହ କରିଥାନ୍ତି ଓ ସେମାନଙ୍କୁ ଭୋଇ ଓ ମହାଭୋଇ ସେବକ କୁହାଯାଏ । ଗଜପତି ଶାସନବେଳେ ମୁଖ୍ୟତଃ ସେମାନେ ବୌଦ୍ଧ ଥିବାରୁ ସମାଜରେ ଅନ୍ୟ ଜାତିର ଲୋକମାନେ ସେମାନଙ୍କୁ ଭଲ ଦୃଷ୍ଟିରେ ଦେଖୁନଥିଲେ । ଜାତି ଓ ଧର୍ମ ମଧ୍ୟରେ ବିଭେଦତା ଆଣିବା ପାଇଁ ମୋଗଲମାନଙ୍କର ମଧ୍ୟ ଏହା ଥିଲା ଏକ ଚାଲ୍ । ସେମାନଙ୍କ ମଧ୍ୟରୁ ଯେଉଁମାନେ ହିନ୍ଦୁ ବୋଲାଉଥିଲେ ସେମାନେ କ୍ରମଶଃ ସେପରି ସମାଜରେ ମିଶିଯାଉଥିଲେ । ମୋଗଲ ଶାସନ କାଳରେ ସେପରି ଗ୍ରାମ ଭୋଇମାନଙ୍କ ସାଙ୍ଗିଆକୁ କାନୁନ୍‌ଗୋ ପଦବୀରେ ପରିବର୍ତ୍ତନ କରିଦିଆଗଲା । ହୁଏତ ଯେଉଁମାନେ ଏଥିରେ ଏକମତ ହେଲେ ନାହିଁ ସେମାନେ ସେପରି ରହିଗଲେ । ରାଜାମାନଙ୍କ ଶାସନରେ ଅନ୍ତର୍ଦ୍ୱନ୍ଦ, ପରସ୍ପର ମଧ୍ୟରେ ଯୁଦ୍ଧ, ମୋଗଲ, ମରହଟ୍ଟା ଓ ଇଂରେଜମାନଙ୍କର ପ୍ରବେଶ ଫଳରେ ସେମାନଙ୍କୁ ମଧ୍ୟ ଆଉ କୌଣସି ଗୁରୁ ଦାୟିତ୍ୱରେ ରହିବାର ସୁବିଧା ଦିଆଗଲାନାହିଁ । ପୁରୁଷାନୁକ୍ରମେ ଭୋଗକରି ଆସୁଥିବା ନିଷ୍କର ଜମିଗୁଡ଼ିକୁ ସେମାନଙ୍କଠାରୁ ଛଡ଼ାଇ ନିଆଯିବାରୁ କାଳକ୍ରମେ ସେମାନେ ଦରିଦ୍ର ହୋଇଗଲେ । ଏହି ଭୋଗୀ ବଂଶ ବୌଦ୍ଧଧର୍ମ ସହିତ ଘନିଷ୍ଠ ଭାବେ ଜଡ଼ିତ ଥିବାର କହିଲେ ଅତ୍ୟୁକ୍ତି ହେବନାହିଁ । ଭୁବନେଶ୍ୱର ତଥା ଏହାର ଉପକଣ୍ଠ ସହିତ ଉପକୂଳବର୍ତ୍ତୀ ଅଞ୍ଚଳରେ ବହୁ ଭୋଇ (ଭୋଗୀ) ଜନପଦମାନ ଏବେ ବି ରହିଛି । ମାତ୍ର ସେମାନେ ବୌଦ୍ଧ ନୁହନ୍ତି କି ସେମାନଙ୍କର ପୂର୍ବର ପରମ୍ପରା ଆଉ ନାହିଁ । ପଶ୍ଚିମ ଓଡ଼ିଶାରେ ଭୋଇ ପଦବୀଧାରୀ ବହୁ ପ୍ରତିଷ୍ଠିତ ବ୍ୟକ୍ତି ଅଛନ୍ତି । ସର୍ବୋପରି ବର୍ତ୍ତମାନର ସର୍ବମାନ୍ୟ ଗଜପତି ମହାରାଜା ମଧ୍ୟ ଭୋଇବଂଶୀୟ ।

ମୋଗଲ ଶାସନ କାଳରେ ତୋଡ଼ରମଲ୍ଲଙ୍କ ଦ୍ୱାରା ବନ୍ଦୋବସ୍ତ କାର୍ଯ୍ୟ କରାଯାଇଥିଲା ଓ ସେନାପତି ମାନସିଂହ ଓଡ଼ିଶାକୁ ଆସି ସେପରି ନିଷ୍ପତ୍ତିକୁ ମାନି ନେଇଥିଲେ । ବାରବାଟୀ ଗଡ଼ ଶାସନକୁ କେନ୍ଦ୍ର କରି ମୋଗଲବନ୍ଦୀର ସୃଷ୍ଟି ହେଲା ଓ ଗଜପତି ଶାସନ ସେହିଭଳି ରହିଯାଇଥିଲା । ବିଷୟ ବା ଖଣ୍ଡ ବଦଳରେ ହେଲା ପ୍ରଗଣା । ଖଣ୍ଡପତି ହେଲେ ଚୌଧୁରୀ । ସେହିଭଳି ପ୍ରଗଣାଗୁଡ଼ିକ ତାଲୁକରେ ବିଭକ୍ତ ହେଲା । ଗ୍ରାମ ଓ ଜନପଦଗୁଡ଼ିକ ମୌଜା ନାମରେ ହେଲା ନାମିତ । ଗ୍ରାମ ପ୍ରଧାନ ବା ଗ୍ରାମପତିମାନେ ମକଦ୍ଦମ, ଗ୍ରାମ ଭୋଇମାନେ କାନୁନ୍‌ଗୋ ଓ ପାଇକମାନେ ହେଲେ କଟୁଆଳ । ସେହିପରି ଦେଶକୁ କୁହାଗଲା ସରକାର । ଦେଶଦଣ୍ଡମାନେ ହେଲେ ଫୌଜଦାର ଅର୍ଥାତ୍ ପୋଲିସ୍ । ବିଚାରପତିମାନଙ୍କୁ କାଜି କୁହାଯାଉଥିଲା । ହିନ୍ଦୁ ସଂସ୍କୃତିର ଅବକ୍ଷୟକୁ ଆଖିଆଗରେ ରଖି ମୋଗଲମାନେ ଏପରି ଷଡ଼ଯନ୍ତ୍ର କରିଥିଲେ ।

ଆଗରୁ ଆଲୋଚିତ ହୋଇଛି ଯେ ସୁନ୍ଦରପଦା, କପିଳେଶ୍ୱର ଓ ଧଉଳି ପ୍ରତ୍ୟେକର ବ୍ୟବଧାନ ମାତ୍ର ଦୁଇ କିଲୋମିଟର ପରିଧି ମଧ୍ୟରେ ଅବସ୍ଥିତ । ଲେମ୍ବେଇ, କୋଳଦେଶ, ଦାଣ୍ଡିମାଳ ପ୍ରଗଣା ଉପର୍ଯ୍ୟୁକ୍ତ ଜନପଦଗୁଡ଼ିକୁ ପ୍ରାୟଶଃ ଲାଗି ରହିଛି । ସେତେବେଳର ରାଜନୈତିକ ମାନଚିତ୍ରରେ ଜନପଦମାନ କେଉଁ ସବୁ ପ୍ରଗଣାର ଅଧିନରେ ଥିଲା ତାହା ଜାଣିବାର ଆବଶ୍ୟକତା ରହିଛି । ତେବେ ଧଉଳି ପାହାଡ଼ର ପ୍ରାୟ ଦୁଇକିଲୋମିଟର ବ୍ୟବଧାନରେ ରହିଛି ବୋଧଖଣ୍ଡି (ବୌଦ୍ଧଖଣ୍ଡ) ଓ ବୁଦ୍ଧିପଡ଼ା (ବୌଦ୍ଧପଡ଼ା) ନାମରେ ଜନପଦମାନ । ସେହି ବୌଦ୍ଧଖଣ୍ଡ ନିକଟରେ ଥିବା ବର୍ତ୍ତମାନର ଗାରେଡ଼ିପାଞ୍ଚଣ (ଗାରେଡ଼ି ପଞ୍ଚାନନ) ଜନପଦର ଉପାସ୍ୟ ଠାକୁରଙ୍କ ନାମ ବୁଦ୍ଧନାଥ । ଯାହାକି ବର୍ତ୍ତମାନ ଏକ ଶୈବପୀଠ । ଏହାର ପରିସର ମଧ୍ୟରୁ ବୌଦ୍ଧ ସଂସ୍କୃତିର ଝଲକ ଏପର୍ଯ୍ୟନ୍ତ ଲିଭି ଯାଇନାହିଁ । ସୋମବଂଶୀମାନଙ୍କ ରାଜତ୍ୱ କାଳରେ ବହୁ ବୌଦ୍ଧପୀଠମାନଙ୍କୁ ଶୈବପୀଠରେ ପରିବର୍ତ୍ତନ କରିଦିଆଯାଇଛି । ଏହା ମଧ୍ୟ ତାହାର ନିଶ୍ଚିତ ଏକ ନିଦର୍ଶନ । ସୁନ୍ଦରପଦାଠାରୁ ଜଟଣୀ ରାସ୍ତାର ପ୍ରାୟ ପାଞ୍ଚ କିଲୋମିଟର ଦକ୍ଷିଣକୁ ଗଲେ ଦୟାନଦୀ କୂଳରେ ପଡ଼େ ସେହିଭଳି ବୁଦ୍ଧଙ୍କ ନାମରେ ଅନ୍ୟ ଏକ ଶୈବପୀଠ । ମୋଗଲମାନଙ୍କ ଶାସନ କାଳରେ ଯେଉଁଭଳି ପ୍ରଗଣାଗୁଡ଼ିକର ନାମ ପରିବର୍ତ୍ତନ ସହ ସୀମା ଧାର୍ଯ୍ୟ କରାଯାଇଥିଲା ତାହା ଅନ୍ୟତ୍ର ଆଲୋଚନା ହୋଇଯାଇଛି ।

ଭୁବନେଶ୍ୱରର ଅନତି ଦୂରରେ ଥିବା ଉପକଣ୍ଠ କଣ୍ଟାପଡ଼ାଠାରେ ସାତୋଟି ଫଣା ମୁଣ୍ଡରେ ଥିବା ନାଗଦେବୀ ପୂଜା ପାଉଛନ୍ତି । ସେ ଗୋଟିଏ ହାତରେ ଅକ୍ଷୟମାଳା ଧରିଥିବାବେଳେ ବାମ ହାତ ଅଭୟ ମୁଦ୍ରାରେ ରହିଛି ଯେ କି ବିଳାସିନୀ ନାମରେ ନାମିତା । ମାତ୍ର ଏହା ଜୈନ ସମ୍ପୃକ୍ତ ବୋଲି କୁହାଯାଇପାରେ । ସେହିପରି ପ୍ରାଚୀ ଉପତ୍ୟକାର ଟୋଲାଠାରେ ସପ୍ତଫଣା ନାଗ ଥିବା ଏକ ନାଗୀ ମୂର୍ତ୍ତି ପୂଜା ପାଉଛନ୍ତି । ସେଠାରେ ଏହା ମାରିଚୀ ନାମରେ ପରିଚିତା । ଶ୍ରୀଜୟଦେବଙ୍କ ଜନ୍ମସ୍ଥାନ କେନ୍ଦୁଲୀ ଗ୍ରାମରେ ଜୈନ ସମ୍ପ୍ରଦାୟର ଦୁଇଟି ପଦ୍ମାବତୀ ବିଗ୍ରହ ଦେଖାଯାଏ । କଳା ମୁଗୁନି ପ୍ରସ୍ତରରେ ନିର୍ମିତ ଏପରି ଚମତ୍କାର ବିଗ୍ରହ ଅନ୍ୟତ୍ର ବିରଳ । ମୂର୍ତ୍ତି ଦୁଇଟିର ମୁଣ୍ଡରେ ସପ୍ତଫଣା ନାଗାଚ୍ଛାଦିତ । ପ୍ରଥମଟିର ଗୋଟିଏ ହାତରେ ପଦ୍ମ ଧରିଥିବାବେଳେ ଅନ୍ୟ ହାତଟି ଭାଙ୍ଗିଯାଇଛି ଓ ଦ୍ୱିତୀୟ ମୂର୍ତ୍ତିଟିର ବାମ ହାତରେ ପଦ୍ମ ଧରିଥିବା ବେଳେ ଦକ୍ଷିଣ ହାତରେ ଏକ ସପୁରୀ ଜାତୀୟ ଫଳ ଧାରଣ କରିଛନ୍ତି । ଭୁବନେଶ୍ୱର ମୂର୍ତ୍ତି ବ୍ୟତୀତ କୁଶଭଦ୍ରା ଉପତ୍ୟକାର ସରାଟଠାରେ ମଧ୍ୟ ଜୈନ ପାର୍ଶ୍ୱନାଥଙ୍କର ବିଗ୍ରହ ରହିଛି ଯାହାଙ୍କ ମୁଣ୍ଡରେ ସପ୍ତଫଣା ନାଗଙ୍କ ମୂର୍ତ୍ତି ଶୋଭାପାଉଛି । ଆସ୍ତିକ ଜରଦ୍‌ଗାରୁ ପୂଜା ଓଡ଼ିଶାରେ ପ୍ରାୟ ପ୍ରତ୍ୟେକ ସ୍ଥାନରେ ଦେଖାଯାଏ । ଏହିଭଳି ପୂଜା ବୌଦ୍ଧ ସମ୍ପର୍କୀୟ ।

ନାଗ ପୂଜା ଅତି ପ୍ରାଚୀନ କାଳରୁ ପୃଥିବୀର ବହୁ ଦେଶରେ ପ୍ରଚଳିତ ହୋଇଆସୁଛି । ପ୍ରାଚୀନ ପାରସ୍ୟ, ଆରବ, ସିରିଆ, ଏସିଆ ମାଇନର, ଇଜିପ୍ଟ, ଇଥୋପିଆ, ଗ୍ରୀସ୍, ଇଟାଲୀ, ଉତ୍ତର ଓ ପଶ୍ଚିମ ଇଉରୋପ ଦେଶ ସମୂହ ମେକ୍ସିକୋ, ପେରୁ, ଆମେରିକା, ଚିନ୍, ଜାପାନ ଓ ସିଂହଳ ପ୍ରଭୃତିରେ ଏହି ପୂଜାର ପ୍ରଥା ଚଳିଆସୁଛି । ମାତ୍ର ଭାରତବର୍ଷରେ ଏହାର ଗୁରୁତ୍ୱ ଓ ସ୍ୱତନ୍ତ୍ରତା ରହିଛି । ଏହି ପୂଜାର ବ୍ୟାପକତା ଭାରତରେ ଯେଉଁଭଳି ଦେଖାଯାଏ ତାହା ଅନ୍ୟତ୍ର ନାହିଁ । ଅନ୍ୟ ଦେଶ ଅପେକ୍ଷା ଭାରତରେ ସବୁ ପ୍ରଜାତିର ସାପ ରହିଛନ୍ତି । ପ୍ରତ୍ୟେକ ଜାଣିଥାନ୍ତି ଯେ ସାପ ଭଳି ସରୀସୃପ କିଭଳି ଭୟଙ୍କର ଓ ଦଂଶନ କରିବାର ଅଳ୍ପ କେତେ ସମୟ ମଧ୍ୟରେ ତାହା ପ୍ରାଣଘାତକ ହୋଇଥାଏ । ତଥାପି ଭାରତୀୟମାନେ ସର୍ପ ପୂଜାକୁ ଛାଡ଼ିନାହାନ୍ତି ଓ ସମ୍ମାନର ସହିତ ସେପରି ପୂଜା କରିଆସୁଛନ୍ତି । ଭାରତ ଆକ୍ରମଣକାରୀ ସିଥିୟାନ୍‌ଙ୍କ ସହିତ ଅନ୍ୟମାନେ ଏପରି ପୂଜାର ପ୍ରଚଳନ ପ୍ରଥମେ ଆରମ୍ଭ କରିବାର କୁହାଗଲେ ମଧ୍ୟ କେନ୍ଦ୍ର ଏସିଆର ତାକ୍ ବା ତକ୍ଷକ ସମ୍ପ୍ରଦାୟ ଏପରି ପୂଜାର ପ୍ରଥମ ପ୍ରଚାରକ ବୋଲି ଐତିହାସିକ ମତ ରହିଛି । ଯାହା ହେଲେ ମଧ୍ୟ ନାଗ ପୂଜା ବେଦ, ପୁରାଣ ଓ ସୂତ୍ରମାନଙ୍କରେ ଦେଖାଯାଏ । ଋକ୍‌ବେଦ ସମୟରେ ସର୍ପ ପୂଜା ପ୍ରାଥମିକ ସ୍ତରରେ ଥିବାବେଳେ ଯଜୁର୍ବେଦ ରଚନା ବେଳେ ଏହାର ବ୍ୟାପକତା ପ୍ରଥମେ ଦେଖାଗଲା । ଅଥର୍ବବେଦର ଆରମ୍ଭ ବେଳେ ଏହି ପୂଜା ସହିତ ମନ୍ତ୍ର ସଂଯୋଜିତ କରାଗଲା ବୋଲି ଅନ୍ୟ ଏକ ମତ ରହିଛି । ତେବେ ସର୍ପ ପୂଜାର ବ୍ୟାପକତା କାହିଁ କେଉଁ ଯୁଗରୁ ରହିଆସିଛି ତାହାର କଳନା କରିବା କଷ୍ଟକର । ଆଜି ପର୍ଯ୍ୟନ୍ତ ଏପରି ପୂଜା ଭାରତର କୋଣ ଓ ଅନୁକୋଣରେ ହୋଇଆସୁଛି କହିଲେ ଅତ୍ୟୁକ୍ତି ହେବନାହିଁ । (Naga Cult. in Odisha, Page: ୫-୬) ।

(କ୍ରମଶଃ)

# ଲକ୍ଷ୍ମୀଙ୍କୁ ଖୋଜୁଛନ୍ତି କି ?



ପ୍ରସନ୍ନ କୁମାର ମିଶ୍ର
ପୁରୀ-୨
ମୋ - ୮୦୧୮୮୭୫୩୩୫

ଆଜିକାଲିର ଦୁନିଆରେ ଧନ, ରତ୍ନ ଓ ଐଶ୍ୱର୍ଯ୍ୟ ପଛରେ ସଭିଏଁ ଧାଇଁଛନ୍ତି। କିଏ କେତେ ପରିମାଣର ଓ କେଉଁ ପ୍ରକାରର ରତ୍ନ ଓ ଆୟ ଅଳଙ୍କାର ନିଜର କରି ପାରିବ, ତାହାରି ପ୍ରତିଯୋଗିତା ଚାଲିଛି । ସେମାନେ ଭାବୁଛନ୍ତି ଧନ–ସଂପଦ ହିଁ ସକଳ ସୁଖ ଶାନ୍ତିର ଆଧାର । ସେଇଥିପାଇଁ 'ଧନତେରାସ' ସପ୍ତାହରେ ଆଖିଝଲସା ଗହଣା ଦୋକାନରେ ପ୍ରବଳ ଭିଡ–ଶୀଘ୍ର ଶୀଘ୍ର ଲକ୍ଷ୍ମୀଙ୍କୁ ନିଜ ଘରକୁ ଟାଣିନେବାପାଇଁ ପ୍ରଶ୍ନ ଉଠେ, ସତରେ କଅଣ ମା' ଲକ୍ଷ୍ମୀ ସେହି ମାନଙ୍କ ଘରକୁ ଯିବାପାଇଁ ଗୋଡ କାଢି ବସିଛନ୍ତି ଯେଉଁ ମାନଙ୍କ ଘରେ 'ଧନରତ୍ନ' ଭରି ରହିଛି ? ସେହି ପ୍ରେରଣାରେ ଗଳ୍ପଟିଏ । ସତ୍ୟ ଯୁଗର କଥା । କୌଣସି ଏକ ନଗରରେ ଜଣେ ଶେଠ ରହୁଥିଲେ । ଘରେ ତାଙ୍କର ଧର୍ମପତ୍ନୀ, ୩ପୁଅ, ୩ବୋହୂ ଓ ନାତିନାତୁଣୀମାନେ ଏକାଠି ରହୁଥିଲେ। ସେଠ୍‌ଜୀ କର୍ମଠ, ଦୟାଳୁ, ନୀତିବାନ ଓ ଧାର୍ମିକ ବ୍ୟକ୍ତି ଥଲେ । ପ୍ରତିଦିନ ନିଜର ସାଧ୍ୟମତେ ସେ ଦୁଃଖି ରଙ୍କି ଓ ଗରୀବ ଲୋକମାନଙ୍କୁ ସାହାଯ୍ୟ କରୁଥିଲେ । ସେହି କାରଣରୁ ନଗରବାସୀ ସେଠ୍‌ଙ୍କୁ ଭାରି ଭଲ ପାଉଥିଲେ । ଘରେ ଧନ ରତ୍ନର ଅଭାବ ନ ଥିଲା । ପୁଅ ବୋହୂ ସଭିଏଁ ମିଳି ମିଶି ଚଳୁଥିଲେ । ଘରେ ସବୁବେଳେ ଶାନ୍ତି ବିରାଜମାନ କରୁଥିଲା କାରଣ ତାଙ୍କ ଘରେ ଲକ୍ଷ୍ମୀ ଠାକୁରାଣୀ ରହୁଥିଲେ । ଦିନେ ରାତିରେ ଶେଠ୍ ସ୍ୱପ୍ନ ଦେଖିଲେ । ସ୍ୱପ୍ନରେ ଉଭାହୋଇ ଲକ୍ଷ୍ମୀ ଠାକୁରାଣୀ ତାଙ୍କୁ କହିଲେ 'ଏବେ ତୁମର ଅର୍ଜିତ ପୁଣ୍ୟ ଶେଷ ହୋଇ ଯାଇଛି । ତେଣୁ ମୁଁ ତୁମ ଘର ଛାଡି ଚାଲିଯିବାକୁ ବସିଛି । ଯିବା ପୂର୍ବରୁ ମୋତେ ଯାହା ବର ମାଗିବା କଥା ମାଗି ନିଆ' ଶେଠ୍ ଚିନ୍ତାରେ ପଡିଗଲେ । ଏବେ କଅଣ କରିବେ ? ଲକ୍ଷ୍ମୀ ତ ଅନ୍ନଦାତ୍ରୀ, ସୌଭାଗ୍ୟ ଦାତ୍ରୀ । ସେ ଚାଲିଗଲେ ଆଉ ଘରେ ରହିବ କଅଣ ? ଭାବି ଭାବି କିଛି ସ୍ଥିର କରି ପାରିଲେ ନାହିଁ ସେ । ଲକ୍ଷ୍ମୀଙ୍କୁ ହାତଯୋଡି ନିବେଦନ କଲେ ମା, ମୋର ଅନୁରୋଧ ଆପଣ ଆମ ଘର ଛାଡି ଯାଆନ୍ତୁ ନାହିଁ । ଯଦି ନିଶ୍ଚିତ ଚାଲିଯିବେ ମୋତେ ଗୋଟିଏ ଦିନ ସମୟ ଦିଅନ୍ତୁ । ମୁଁ ମୋର ପରିବାରର ସମସ୍ତଙ୍କୁ ପଚାରି କାଲି ଆପଣଙ୍କୁ ଉତ୍ତର ଦେବି । ଲକ୍ଷ୍ମୀ ରାଜି ହୋଇ ଉଭାନ ହୋଇଗଲେ । ସକାଳେ ଶେଯରୁ ଉଠି ଶେଠଙ୍କର ଗତ ରାତ୍ରିର ସ୍ୱପ୍ନ କଥା ମନେ ପଡିଗଲା । ସେ ଘରର ସମସ୍ତ ସଦସ୍ୟଙ୍କୁ ଏକତ୍ରିତ କରି ସ୍ୱପ୍ନରେ ଦେଖିଥିବା କଥା କହିଲେ । ଏହାଶୁଣି ପରିବାରର ସଭିଏଁ ନାନା ମତ ଦେଲେ । କିଏ କହିଲା ଏକା ଥରକେ ବହୁତ ଗୁଡାଏ ଧନସଂପଦ ମାଗିଦେଲେ ଆମେ ସୁଖରେ ରହିବା । କିଏ କହିଲା ଆମର ଗୋଟିଏ ବିରାଟ କୋଠାଘର ଦରକାର, କିଏ ମାଗିଲା ସ୍ୱର୍ଣ୍ଣରଭଣ୍ଡାର ଇତ୍ୟାଦି ଏମିତି କେତେ କଅଣ । ମାତ୍ର ଘରର ସାନବୋହୂ ପଛରେ ବସି ଚୁପଚାପ ସମସ୍ତଙ୍କ କଥା ଶୁଣୁଥିଲା। କିଛି କହୁ ନ ଥିଲା । ତାକୁ ଚାହିଁ ସେଠ୍ କହିଲେ ବୋହୂ, ତୁ ତ କିଛି କହୁନାହୁଁ । କହ, କଅଣ ମାଗିଲେ ଆମର ମଙ୍ଗଳ ହେବ । ବୋହୂ କହିଲା, ବାପା ଆମ ଘରୁ ଯଦି ଲକ୍ଷ୍ମୀ ଚାଲିଯିବେ, ଏ ସବୁ ଧନସଂପତ୍ତି ମିଳିଲେ ଲାଭ କଅଣ ? ଏହା ତ ସବୁଦିନେ ରହିବ ନାହିଁ । ପ୍ରଚୁର ସଂପଦର ମାଲିକ ହୋଇଗଲେ ଯେ ଆମେ ଶାନ୍ତିରେ ରହିବା ଏକଥା କିଏ କହିବ ? କାରଣ ସେହି ସଂପଦ ଲୋଭରେ ଆମେ ନିଜ ନିଜ ଭିତରେ କଳି ଝଗଡା କରୁ କରୁ ଦିନ ସରିଯିବ । ମୋର ମତ ଆପଣ ଲକ୍ଷ୍ମୀଙ୍କୁ ପ୍ରାର୍ଥନା କରନ୍ତୁ, ଆମ ପରିବାର ଭିତରେ ସବୁଦିନେ ପରସ୍ପରକୁ ଭଲ ପାଇବା ବଜାୟ ରହୁ, ସମସ୍ତଙ୍କ ଭିତରେ ସଦ୍ଭାବନା ରହୁ । ସମସ୍ତେ ଶାନ୍ତିରେ ରହନ୍ତୁ। ଏହି ଆଶୀର୍ବାଦ ମାଗନ୍ତୁ । ସେଠ୍‌ଙ୍କୁ ସାନବୋହୂର କଥା ଉଚିତ ମନେହେଲା । ସେଦିନ ରାତ୍ରିରେ ଯେତେବେଳେ ଲକ୍ଷ୍ମୀ ପୁନର୍ବାର ସ୍ୱପ୍ନରେ ଆସିଲେ, ଶେଠ୍ ହାତଯୋଡି ବିନମ୍ର ନିବେଦନ କଲେ, ମା', ମୋର ତ ଇଚ୍ଛା ଆପଣ ଆମ ଘର ଛାଡି ଯାଆନ୍ତୁ ନାହିଁ । ଯଦି ନିହାତି ଯିବେ, ତେବେ ଏଇ ଆଶୀର୍ବାଦ ଦିଅନ୍ତୁ ଯେ ସଦା ସର୍ବଦା ଆମ ପରିବାର ଭିତରେ ଶାନ୍ତି, ସୌହାର୍ଦ୍ଦ୍ୟ ଏବଂ ପରସ୍ପର ଭିତରେ ପ୍ରେମ ଓ ସଦ୍‌ଭାବନା ବଜାୟ ରହୁ । ଏତିକି ମୋର ପ୍ରାର୍ଥନା । ସେଠଙ୍କ କଥାରେ ଖୁସି ହୋଇ ଲକ୍ଷ୍ମୀ କହିଲେ , 'ଯୋଉ କୁଟୁମ୍ବରେ ପ୍ରେମ, ଶାନ୍ତି ଓ ସଦ୍ଭାବନା ରହିଛି, ସେ ପରିବାର ଛାଡି ମୁଁ ଯାଇପାରିବି ନାହିଁ । ମୁଁ ଏଇଠି ରହିବି ।' କବି କହିଛନ୍ତି ; "ସରଗ ସମାନ ଆହା ଅଟେ ସେହି ଘର, ପରସ୍ପର ପ୍ରୀତି ଯହିଁ ଥାଏ ନିରନ୍ତର" ସତ୍ୟ, ତ୍ରେତୟା, ଦ୍ୱାପର ଓ ଏବେକାର କଳି – ସବୁ ଯୁଗରେ ଏହାହିଁ ସତ୍ୟ ।

# ୨୪ ବର୍ଷର ଅନୁଭବ, ଅଢେଇ ବର୍ଷର ନୂଆ ଦିଗ : ଓଡ଼ିଶା କାହାକୁ ମାପିବ - ସମୟକୁ ନା କାମକୁ ?



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ–୯୪୩୭୯୯୪୩୭୯

ଓଡ଼ିଶାର ରାଜନୀତିରେ ୨୪ ବର୍ଷ ଏକ ଛୋଟ ସମୟ ନୁହେଁ, ଆଉ ଅଢେଇ ବର୍ଷ ମଧ୍ୟ ଏକ ଦିନ ରାଜନୀତି ନୁହେଁ, ଦୁଇଟି ସମୟଖଣ୍ଡ ଓଡିଶାର ରାଜନୈତିକ ଇତିହାସର ଦୁଇଟି ଅଲଗା ଅଧ୍ୟାୟ, ଯାହାକୁ ଭାବନାରେ ନୁହେଁ, ତଥ୍ୟରେ, ନାରାରେ ନୁହେଁ, ଫଳାଫଳରେ ଏବଂ ଦଳୀୟ ଆବେଗର ନୁହେଁ, ଓଡିଶାର ସାଧାରଣ ଲୋକଙ୍କ ଜୀବନରେ ଆସିଥିବା ପରିବର୍ତ୍ତନର ଆଲୋକରେ ମାପିବାର ସମୟ ଆସିଛି । ୨୦୦୦ରୁ ୨୦୨୪ ପର୍ଯ୍ୟନ୍ତ ବିଜୁ ଜନତା ଦଳର ଦୀର୍ଘ ଶାସନ ଓଡିଶାର ପ୍ରଶାସନ, ରାଜନୀତି ଓ ବିକାଶର ଅନେକ ଅଧ୍ୟାୟ ଲେଖିଛି, ସେହି ଅଧ୍ୟାୟରେ ସଫଳତା ଥିଲା, ସ୍ମରଣୀୟ କାର୍ଯ୍ୟ ଥିଲା, ଆଉ ଅନେକ ପ୍ରଶ୍ନ ମଧ୍ୟ ଥିଲା । ୨୦୨୪ରେ ଜନତା ଏକ ନୂଆ ରାଜନୈତିକ ଅଧ୍ୟାୟ ଖୋଲିଲେ ଏବଂ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ଗଠିତ ହେଲା । ନିର୍ବାଚନ ଫଳାଫଳରେ ବିଜେପି ୭୮ଟି ଆସନ ଓ ବିଜେଡି ୫୧ଟି ଆସନ ପାଇଥିଲା । ଏହା କେବଳ ସରକାର ବଦଳର ଘଟଣା ନୁହେଁ, ଏହା ଥିଲା ଜନତାଙ୍କ ଏକ ନୂଆ ପରୀକ୍ଷା, ଏକ ନୂଆ ଆଶା ଏବଂ ଏକ ନୂଆ ଦିଗ ପ୍ରତି ଆସ୍ଥା । କିନ୍ତୁ ଏଠି ଏକ ମୂଳ ପ୍ରଶ୍ନ ରହିଯାଏ - ୨୪ବର୍ଷ ଶାସନ କରିଥିବାରୁ କେହି ସ୍ୱତଃ ସଫଳ ହୋଇଯାଏ କି? ନା ଅଢେଇ ବର୍ଷ ଶାସନ କରିଥିବାରୁ କେହି ସ୍ୱତଃ ସଫଳ କିମ୍ବା ବିଫଳ ହୋଇଯାଏ ? ନିଶ୍ଚିତ ଭାବେ ନୁହେଁ । ଲୋକତନ୍ତ୍ରରେ ଶାସନର ମାପଦଣ୍ଡ ହେଉଛି ସମୟ ନୁହେଁ, ଫଳ । ଲୋକଙ୍କ ଘରକୁ ପାଣି ପହଂଚିଲା କି ନାହିଁ, ଚାଷୀଙ୍କ ଜମିକୁ ସିଚାଇ ମିଳିଲା କି ନାହିଁ, ଯୁବକଙ୍କୁ ରୋଜଗାରର ସୁଯୋଗ ମିଳିଲା କି ନାହିଁ, ମହିଳାଙ୍କ ଆର୍ଥିକ ସ୍ୱାଧୀନତା ବଢ଼ିଲା କି ନାହିଁ, ଗାଁର ରାସ୍ତା ଭଲ ହେଲା କି ନାହିଁ, ଶିକ୍ଷ ଆସିଲା କି ନାହିଁ, ଶିକ୍ଷା ଓ ସ୍ୱାସ୍ଥ୍ୟର ମାନ ବଢିଲା କି ନାହିଁ–ଏହି ପ୍ରଶ୍ନଗୁଡିକ ହିଁ ଶାସନର ପ୍ରକୃତ ପରୀକ୍ଷା । ମୋହନ ମାଝୀ ସରକାର ଦୁଇ ବର୍ଷ ପୂରଣ କରିବା ସମୟରେ ସରକାରୀ ଭାବେ ୧୨୧ଟି ନୂଆ ଯୋଜନା, କାର୍ଯ୍ୟକ୍ରମ ଓ ପଦକ୍ଷେପର କଥା କହିଛି, ସୁଭଦ୍ରା ଯୋଜନାଠାରୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା, ସଡକ ଓ ସେତୁଠାରୁ ସିଚାଇ, ଦକ୍ଷତା ବିକାଶଠାରୁ ଶିଳ୍ପ ଏବଂ ଆଧୁନିକ ପ୍ରଯୁକ୍ତି ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ସରକାର ନିଜର ଦିଗ ଦେଖାଇବାକୁ ଚେଷ୍ଟା କରିଛି । ସରକାରୀ ତଥ୍ୟ ଅନୁସାରେ, ଅନ୍ନପୂର୍ଣ୍ଣା ଯୋଜନାରେ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ପାଞ୍ଚ କିଲୋ ଚାଉଳ ମାଗଣା ଦେବାର ବ୍ୟବସ୍ଥା ହୋଇଛି ଏବଂ ପ୍ରାୟ ୮୦ ଶତାଂଶ ଜନସଂଖ୍ୟା ଏଥିରୁ ଲାଭ ପାଇବାର କଥା କୁହାଯାଇଛି । ସୁଭଦ୍ରା ଯୋଜନା ମହିଳାଙ୍କୁ ଆର୍ଥିକ ସହାୟତା ଦେବାର ଏକ ବଡ ପଦକ୍ଷେପ ଭାବେ ଆସିଛି । ଦକ୍ଷତା ବିକାଶର ଦ୍ୱିତୀୟ ପର୍ଯ୍ୟାୟ, ସମ୍ବଲପୁର ଓ ବ୍ରହ୍ମପୁରରେ ବିଶ୍ୱ ଦକ୍ଷତା କେନ୍ଦ୍ରର ନୂଆ ପରିସର, କୃଷି ଜମିକୁ ସିଚାଇ ଦେବା ପାଇଁ ପଦକ୍ଷେପ ଏବଂ ଶିଳ୍ପ ଓ ପ୍ରଯୁକ୍ତି କ୍ଷେତ୍ରରେ ନୂଆ ନୀତି–ଏସବୁ ମିଶି ସରକାର ଯେଉଁ ଓଡିଶାର ଚିତ୍ର ଆଙ୍କୁଛି, ତାହାର ମୂଳ କଥା ହେଉଛି ବିକାଶକୁ ଅଧିକ ବ୍ୟାପକ କରିବା । କିନ୍ତୁ ଏଠି ମଧ୍ୟ ସାମ୍ବାଦିକତାର ଦାୟିତ୍ୱ ହେଉଛି କେବଳ ଘୋଷଣାକୁ ସଫଳତା ବୋଲି ଲେଖି ଦେବା ନୁହେଁ, ଘୋଷଣା କେବେ ଯୋଜନା ହେଲା, ଯୋଜନା କେବେ କାମରେ ପରିଣତ ହେଲା ଏବଂ କାମ କେବେ ସାଧାରଣ ଲୋକଙ୍କ ଜୀବନକୁ ଛୁଇଁଲା - ତାହା ଦେଖିବା ମଧ୍ୟ ଆବଶ୍ୟକ । ଏହିଠାରେ ହିଁ ମୋହନ ମାଝୀ ସରକାରଙ୍କ ପ୍ରକୃତ ପରୀକ୍ଷା । ଅଢେଇ ବର୍ଷରେ ଦିଗ ଦେଖାଇବା ଭଲ କଥା, କିନ୍ତୁ ଆଗାମୀ ବର୍ଷଗୁଡିକରେ ସେହି ଦିଗକୁ ଦୃଢ଼ ଫଳାଫଳରେ ପରିଣତ କରିବା ହିଁ ବଡ ଚ୍ୟାଲେଞ୍ଜ । ଏହି ସରକାର ପାଖରେ ଆଉ ଏକ ବଡ ସୁଯୋଗ ଅଛି – କେନ୍ଦ୍ର ସରକାର ସହ ସମନ୍ୱୟକୁ ଓଡିଶାର ଦୀର୍ଘମିଆଦୀ ବିକାଶରେ ପରିଣତ କରିବା । ରେଳ, ସଡକ, ବନ୍ଦର, ଶିଳ୍ପ, ଖଣିଜ, ପର୍ଯ୍ୟଟନ, କୃଷି, ପ୍ରଯୁକ୍ତି ଓ ରୋଜଗାର–ପ୍ରତ୍ୟେକ କ୍ଷେତ୍ରରେ ଓଡିଶାର ସମ୍ଭାବନା ବହୁତ ବଡ । ତେଣୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାରର ସମନ୍ୱୟ ଯଦି ରାଜନୈତିକ ନାରାରେ ସୀମିତ ନରହି ରାସ୍ତା, ରେଳ, ଶିଳ୍ପ, ନିଯୁକ୍ତି ଓ ନିବେଶରେ ଦେଖାଯାଏ, ତେବେ ତାହାର ଲାଭ ଓଡିଶା ପାଇବ । ଏହି କାରଣରୁ ୨୪ବର୍ଷ ବନାମ ଅଢେଇ ବର୍ଷର ତୁଳନାକୁ ଦଳୀୟ ଯୁଦ୍ଧ କରିଦେବା ଠିକ୍ ହେବ ନାହିଁ । ୨୪ବର୍ଷର ଶାସନରୁ ଯାହା ଭଲ ହୋଇଛି, ତାହାକୁ ସ୍ୱୀକାର କରିବାରେ ନୂଆ ସରକାରର କୌଣସି ଅସୁବିଧା ରହିବା ଉଚିତ ନୁହେଁ, ଆଉ ଯେଉଁଠି ତ୍ରୁଟି ଥିଲା, ସେଠାରୁ ଶିକ୍ଷା ନେଇ ନୂଆ ସରକାର ଆଗକୁ ବଢିବା ଉଚିତ । ସେହିପରି ମୋହନ ମାଝୀ ସରକାରର ଭଲ କାମକୁ ବିରୋଧୀ ଦଳ କେବଳ ରାଜନୈତିକ ଆବେଗରେ ଅସ୍ୱୀକାର କରିବା ଉଚିତ ନୁହେଁ, ଯେଉଁଠି ସରକାର ଭୁଲ କରୁଛି, ସେଠାରେ ଶକ୍ତ ପ୍ରଶ୍ନ କରିବା ମଧ୍ୟ ବିରୋଧୀଙ୍କ ଅଧିକାର ଓ ଦାୟିତ୍ୱ । ଶାସନଙ୍କୁ ପ୍ରଶଂସା କରିବା ଯେତିକି ଆବଶ୍ୟକ, ଶାସକଙ୍କୁ ପ୍ରଶ୍ନ କରିବା ମଧ୍ୟ ସେତିକି ଆବଶ୍ୟକ । କାରଣ ଗଣତନ୍ତ୍ରରେ ଅନ୍ଧ ପ୍ରଶଂସା ସରକାରଙ୍କୁ ଶକ୍ତିଶାଳୀ କରେ ନାହିଁ, ବରଂ ଦୁର୍ବଳ କରେ, ସତ୍ୟ ଓ ତଥ୍ୟ ଉପରେ ଆଧାରିତ ସମାଲୋଚନା ହିଁ ସରକାରକୁ ଅଧିକ ଦାୟିତ୍ୱଶୀଳ କରେ । ତେଣୁ ଓଡିଶାର ଆଜିର ରାଜନୈତିକ ପ୍ରଶ୍ନ ଏହା ନୁହେଁ ଯେ କିଏ ୨୪ବର୍ଷ ଶାସନ କଲା ଏବଂ କିଏ ଅଢେଇ ବର୍ଷ ଶାସନ କରୁଛି, ପ୍ରଶ୍ନ ହେଉଛି କିଏ ଓଡିଶାକୁ ଆଗାମୀ ଦଶ ବର୍ଷରେ ଅଧିକ ସମୃଦ୍ଧ, ଅଧିକ ରୋଜଗାରମୟ, ଅଧିକ ସୁରକ୍ଷିତ, ଅଧିକ ସ୍ୱାବଲମ୍ବୀ ଏବଂ ଅଧିକ ସମ୍ମାନଜନକ ସ୍ଥାନକୁ ନେଇପାରିବ । ମୋହନ ମାଝୀ ସରକାର ପାଇଁ ଅଢେଇ ବର୍ଷ ହେଉଛି ଆରମ୍ଭର ହିସାବ, ଶେଷର ନୁହେଁ । ଏବେ ତାଙ୍କ ସାମ୍ନାରେ ଅଛି ପ୍ରତିଶ୍ରୁତି ପରିଣାମରେ ପରିଣତ କରିବାର ସମୟ । ଯୁବକଙ୍କୁ କେବଳ ଚାକିରିର ଆଶ୍ୱାସନା ନୁହେଁ, ନିଯୁକ୍ତିର ଅବସର ଦରକାର, ଚାଷୀଙ୍କୁ କେବଳ ଯୋଜନା ନୁହେଁ, ନିଶ୍ଚିତ ଆୟ ଦରକାର, ମହିଳାଙ୍କୁ କେବଳ ସହାୟତା ନୁହେଁ, ଆର୍ଥିକ ସ୍ୱାଧୀନତା ଦରକାର, ଶିଳ୍ପପତିଙ୍କୁ କେବଳ ନିବେଶ ସମ୍ମିଳନୀ ନୁହେଁ, ଦ୍ରୁତ ଅନୁମୋଦନ ଓ ସ୍ଥିର ପରିବେଶ ଦରକାର, ଗାଁକୁ କେବଳ ଘୋଷଣା ନୁହେଁ, ରାସ୍ତା, ପାଣି, ବିଦ୍ୟୁତ, ସ୍ୱାସ୍ଥ୍ୟ ଓ ଶିକ୍ଷା ଦରକାର । ଏହି ମାପଦଣ୍ଡରେ ମୋହନ ମାଝୀ ସରକାର ଯେତେ ଦ୍ରୁତ ଫଳ ଦେବ, ସେତେ ଦୃଢ଼ ହେବ ତାହାର ରାଜନୈତିକ ଭିତ୍ତି ଏବଂ ବିରୋଧୀଙ୍କ ପାଇଁ ମଧ୍ୟ ସମୟ ଆସିଛି– କେବଳ ପୁରୁଣା ଗୌରବର କଥା କହିଲେ ହେବ ନାହିଁ, ନୂଆ ପିଢିକୁ ନୂଆ ଉତ୍ତର ଦେବାକୁ ପଡିବ । ୨୪ବର୍ଷର ଅନୁଭବ ଯଦି ସମ୍ପତ୍ତି, ତେବେ ତାହାର ଶିକ୍ଷା ଆଗାମୀ ରାଜନୀତିରେ ଦେଖାଯିବା ଦରକାର, ଅଢେଇ ବର୍ଷର ନୂଆ ଶାସନ ଯଦି ପରିବର୍ତ୍ତନର ପ୍ରତୀକ, ତେବେ ତାହାର ପ୍ରମାଣ ମାଟିରେ ଦେଖାଯିବା ଦରକାର । ଓଡିଶା ଏବେ କାହାର ନାରା ଶୁଣିବାକୁ ଚାହୁଁଛନ୍ତି, ଓଡିଶା ଫଳ ଦେଖିବାକୁ ଚାହୁଁଛି । ରାଜନୀତିର ରଙ୍ଗ ବଦଳିପାରେ, ସରକାର ବଦଳିପାରେ, ନେତା ବଦଳିପାରନ୍ତି କିନ୍ତୁ ଲୋକଙ୍କ ଆଶା ବଦଳେ ନାହିଁ– ସେମାନେ ଭଲ ଜୀବନ ଚାହାଁନ୍ତି । ସେଥିପାଇଁ ୨୪ବର୍ଷର ହିସାବ ହେଉ ଅନୁଭବ ପର ହିସାବ, ଅଢେଇ ବର୍ଷର ହିସାବ ହେଉ ପରିବର୍ତ୍ତନର ହିସାବ, ଆଉ ଆଗାମୀ ବର୍ଷଗୁଡିକର ହିସାବ ହେଉ ଫଳାଫଳର ହିସାବ । କାରଣ ଓଡିଶାକୁ ଜିତାଇବା ହିଁ ଯେକୌଣସି ସରକାରର ପ୍ରକୃତ ବିଜୟ । ବିଜେଡିର ୨୪ବର୍ଷ ହେଉ କି ମୋହନ ମାଝୀଙ୍କ ଅଢେଇ ବର୍ଷ–ଇତିହାସ ଶେଷରେ ଗୋଟିଏ ପ୍ରଶ୍ନ ହିଁ ପଚାରିବ, ଓଡିଶା ପାଇଁ କିଏ କେତେ କଲା ? ଉତ୍ତର ନାରାରେ ନୁହେଁ, ଲୋକଙ୍କ ଜୀବନରେ ଲେଖାଯିବ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୯ ସେପ୍ଟେମ୍ବର ୨୦୨୬ ବୁଧବାର



# ଭାରତରେ ଅଙ୍ଗ ପ୍ରତିରୋପଣ ସଙ୍କଟ : ଆବଶ୍ୟକତା ଏବଂ ଉପଲବ୍ଧତା ମଧ୍ୟରେ ଆକାଶ ପାତାଳ ପାର୍ଥକ୍ୟ

**ହାଇଦ୍ରାବାଦ:** ଆମେ ପ୍ରାୟତଃ ଅଙ୍ଗ ପ୍ରତିରୋପଣକୁ ଏକ ଅସାଧାରଣ ଚିକିତ୍ସା ବିଜ୍ଞାନ ବୋଲି ଭାବୁ । କାରଣ ଯଦି ଜଣେ ରୋଗୀଙ୍କ ଶରୀରରେ ଆବଶ୍ୟକୀୟ ଅଙ୍ଗ ପ୍ରତିରୋପଣ କରାଯାଏ, ତେବେ ସେ ଦ୍ୱିତୀୟ ଜୀବନ ପାଇଥାନ୍ତି । ଆମ ଦେଶରେ ପ୍ରତିବର୍ଷ ହଜାର ହଜାର ଅଙ୍ଗ ପ୍ରତିରୋପଣ କରାଯାଉଥିଲେ ମଧ୍ୟ ଜନ ସଂଖ୍ୟା ବୃଦ୍ଧି, ଦୀର୍ଘକାଳୀନ ରୋଗ, ହସ୍ପିଟାଲ, ଡାକ୍ତର ଏବଂ ଅଙ୍ଗଦତାଙ୍କ ଘୋର ଅଭାବ ଯୋଗୁଁ ଚାହିଦା ଅନୁପାତରେ ଅଙ୍ଗ ପ୍ରତିରୋପଣ କରାଯାଇପାରୁନାହିଁ ।

ଦି ଲାନସେଟ୍ ରିଜିଓନାଲ୍ ହେଲ୍ଥ-ସାଉଥ୍ ଏସିଆ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଭାରତରେ ଅଙ୍ଗ ପ୍ରତିରୋପଣ ଆବଶ୍ୟକତା ଏବଂ ଉପଲବ୍ଧତା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ରହିଛି । ପ୍ରତିବର୍ଷ ଦେଶରେ ହଜାର ହଜାର ଲୋକ ଅଙ୍ଗ ପ୍ରତିରୋପଣ କରିବା ପାଇଁ ଇଚ୍ଛା ପ୍ରକାଶ କରୁଥିବା ବେଳେ ସେହି ଅନୁପାତରେ ଅଙ୍ଗଦାତା ମିଳୁନାହାନ୍ତି । ଦେଶର ଜନସଂଖ୍ୟା ବୟସ ବୃଦ୍ଧି ଏବଂ ଦୀର୍ଘକାଳୀନ ରୋଗ ବୃଦ୍ଧି ସହ ଏହି ପାର୍ଥକ୍ୟ ଆହୁରି ବୃଦ୍ଧି ପାଇବାର ଆଶା କରାଯାଉଛି । ଉଦାହରଣ ସ୍ୱରୂପ, ୨୦୨୧ ମସିହାରେ, ଭାରତରେ ପ୍ରାୟ ୪୦୬,୦୦୦ ଅଙ୍ଗ ପ୍ରତିରୋପଣ ଆବଶ୍ୟକ ଥିଲା, କିନ୍ତୁ କେବଳ ୧୨,୨୩୬ ପ୍ରତିରୋପଣ କରାଯାଇଥିଲା । ୨୦୨୧ ମସିହାରେ ଭାରତରେ ୧୨୫,୮୯୪ଟି କିଡନୀ ପ୍ରତିରୋପଣ ଆବଶ୍ୟକ ଥିଲା, କିନ୍ତୁ କେବଳ ୯,୧୦୫ଟି ପ୍ରତିରୋପଣ ହୋଇଥିଲା । ଏହା ଆନୁମାନିକ ଆବଶ୍ୟକତାର ପ୍ରାୟ ୭.୨% । ଅନ୍ୟାନ୍ୟ ଅଙ୍ଗ ପାଇଁ ଏହି ବ୍ୟବଧାନ ଆହୁରି ଅଧିକ । ଭାରତରେ ଆନୁମାନିକ ୧୮୪,୫୪୨ଟି ଲିଭର୍ ପ୍ରତିରୋପଣ ଆବଶ୍ୟକଥିଲା, କିନ୍ତୁ ମାତ୍ର ୨,୮୪୭ଟି ପ୍ରତିରୋପଣ ହୋଇଥିଲା, ଯାହା ମୋଟ ଆବଶ୍ୟକତାର ମାତ୍ର ୧.୫% । ଦେଶରେ ଆନୁମାନିକ ୮୩,୮୪୧ଟି ହାର୍ଟ ପ୍ରତିରୋପଣ ଆବଶ୍ୟକ ଥିଲା, କିନ୍ତୁ କେବଳ ୧୫୧ଟି ପ୍ରତିରୋପଣ ହୋଇଥିଲା - ଯାହା ଆନୁମାନିକ ଆବଶ୍ୟକତାର ମାତ୍ର ୦.୨% ।

ଫୁସଫୁସର ଆନୁମାନିକ ଆବଶ୍ୟକତା ୧୧,୨୫୩ଟି ଥିଲା, କିନ୍ତୁ କେବଳ ୧୩୩ଟି ପ୍ରତିରୋପଣ ହୋଇଥିଲା, ଯାହା ମୋଟ ଆବଶ୍ୟକତାର ପ୍ରାୟ ୧.୨% । ତେଣୁ ଯଦିଓ ଦେଶରେ ଅଙ୍ଗ ପ୍ରତିରୋପଣ ଚିକିତ୍ସା ପ୍ରଯୁକ୍ତିବିଦ୍ୟା ବହୁ ଉନ୍ନତମାନର ତଥାପି ଏହା ଲୋକଙ୍କ ପାଖରେ ପହଞ୍ଚିବା ବହୁତ ସୀମିତ ଅଟେ । ଅଙ୍ଗ ପ୍ରତିରୋପଣର ଚାହିଦା ୨୦୪୦ ମସିହା ସୁଦ୍ଧା,




ଭାରତରେ ପ୍ରାୟ ନିମ୍ନଲିଖିତ ଆବଶ୍ୟକତା ରହିବ ବୋଲି ଆକଳନ କରାଯାଇଛି ।

ଦୀର୍ଘକାଳୀନ ରୋଗ ଅଙ୍ଗ ପ୍ରତିରୋପଣର ଏକ ମୁଖ୍ୟ କାରଣ । ଭାରତରେ ପ୍ରତିରୋପଣ କ୍ଷମତା ବାର୍ଷିକ ୮-୧୦% ବୃଦ୍ଧି ପାଉଛି । ଦେଶରେ ୨୦୪୦ ସୁଦ୍ଧା ଏହାର କିଡନୀ ପ୍ରତିରୋପଣ ଆବଶ୍ୟକତାର କେବଳ ୩୨.୬% ପୂରଣ କରିପାରିବ । ଲିଭର, ହାର୍ଟ ଏବଂ ଫୁସଫୁସ ପ୍ରତିରୋପଣ ପାଇଁ ଆବଶ୍ୟକତା ୭% ରୁ କମ୍ ରହିବ । ୨୦୨୪ ତଥ୍ୟ ଆଧାରରେ, ଅଧ୍ୟୟନରୁ ଜଣାପଡିଛି ଯେ, ଅଧିକାଂଶ ଅଙ୍ଗ ପ୍ରତିରୋପଣ ପାଞ୍ଚଟି ରାଜ୍ୟ ଯଥା:- ତାମିଲନାଡୁ, ଦିଲ୍ଲୀ ଏନସିଆର, କେରଳ, ମହାରାଷ୍ଟ୍ର ଏବଂ ତେଲେଙ୍ଗାନାରେ ହୋଇଥାଏ । ଦେଶର ମୋଟ ଜନସଂଖ୍ୟାର କେବଳ ୨୯.୩% ଏହି ଅଞ୍ଚଳଗୁଡ଼ିକରେ ବାସ କରନ୍ତି । ଦିଲ୍ଲୀ ଏନସିଆରରେ ପ୍ରତି ନିୟୁତ ଜନସଂଖ୍ୟାରେ ୭୫.୩ % ବୃକକ୍ ପ୍ରତିରୋପଣ ହୋଇଥିଲା, ଏହା ପରେ କେରଳ ୩୧.୧ % ଏବଂ ତାମିଲନାଡୁ ୧୬.୯ %ରେ ଦ୍ୱିତୀୟ ସ୍ଥାନରେ ଥିଲା । ଏହି ସମୟରେ, ୨୦୨୪ ରେ ଉତ୍ତର ପ୍ରଦେଶରେ କେବଳ ୪୪୭ଟି ବୃକକ୍ ପ୍ରତିରୋପଣ ହୋଇଥିଲା ଏବଂ ବିହାରରେ କେବଳ ୩୧ଟି ହୋଇଥିଲା । ଅନେକ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଗୋଟିଏ ବି ପ୍ରତିରୋପଣ ହୋଇନଥିଲା । ତେଣୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଅଧିକ ପ୍ରତିରୋପଣ ବିଷୟରେ ନୁହେଁ, ବରଂ ଭାରତର ଯେତେ ସମ୍ଭବ ଅଧିକ ଅଞ୍ଚଳରେ ପ୍ରତିରୋପଣ କ୍ଷମତା ବୃଦ୍ଧି କରିବା । ମହିଳାମାନେ ପୁରୁଷମାନଙ୍କ ତୁଳନାରେ କମ୍ ଅଙ୍ଗ ପ୍ରତିରୋପଣ ପାଆନ୍ତି । ବିଶ୍ୱ ମାନଦଣ୍ଡ ଅନୁଯାୟୀ, ଭାରତରେ ବହୁ ସଂଖ୍ୟକ ଅଙ୍ଗ ପ୍ରତିରୋପଣ ହୁଏ । କିନ୍ତୁ ବହୁ ସଂଖ୍ୟକ ଅସ୍ତ୍ରୋପଚାର କରିବା ଏବଂ ଦେଶର ବିଶାଳ ଆବଶ୍ୟକତା ପୂରଣ କରିବା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ଅଛି । ବର୍ତ୍ତମାନ, ଭାରତରେ ପ୍ରାୟ ୮୦% ଅଙ୍ଗ ପ୍ରତିରୋପଣ ଜୀବିତ ଦାତାଙ୍କ ଉପରେ ନିର୍ଭର କରେ । ଏକ ଅଧ୍ୟୟନ ଅନୁଯାୟୀ, ମୃତ୍ୟୁ ପରେ ଅଙ୍ଗ ଦାନର ହାର ବହୁତ କମ୍ ରହିଛି । ପ୍ରତି ନିୟୁତ ଜନସଂଖ୍ୟାରେ ପ୍ରାୟ ୦.୬୫ ଦାତା ରହିଥାନ୍ତି । ଏହା ସ୍ପେନ୍ ଏବଂ ଯୁକ୍ତରାଷ୍ଟ୍ର ଭଳି ଦେଶଗୁଡ଼ିକର ହାର ତୁଳନାରେ ବହୁତ କମ୍ । ମୃତ୍ୟୁ ପରେ ଅଙ୍ଗ ଦାନ, ଆଇସିୟୁରେ ସମ୍ଭାବ୍ୟ ଦାତାଙ୍କ ଚିହ୍ନଟ, ଅଙ୍ଗ ପୁନରୁଦ୍ଧାର, ପରିବହନ ନେଟୱାର୍କ, ପ୍ରତିରୋପଣ କେନ୍ଦ୍ରକୁ ବୃଦ୍ଧି କରିବାକୁ ହେବ । ଅଙ୍ଗ ଦାତାମାନଙ୍କୁ ଚିହ୍ନଟ କରାଯିବା ଆବଶ୍ୟକ । ଅଙ୍ଗ ଅପସାରଣ କରାଯିବା ଆବଶ୍ୟକ । ସେଗୁଡ଼ିକୁ ମେଳ ଖାଇବା ଆବଶ୍ୟକ । ସେଗୁଡ଼ିକୁ ଶୀଘ୍ର ପରିବହନ କରାଯିବା ଆବଶ୍ୟକ । ଏହାସହ ଏକ ଉପଯୁକ୍ତ ପ୍ରତିରୋପଣ କେନ୍ଦ୍ର ପ୍ରସ୍ତୁତ କରାଯିବା ଆବଶ୍ୟକ । ଏବଂ ସର୍ଜନ, ନର୍ସ ଏବଂ ଅନ୍ୟାନ୍ୟ ବିଶେଷଜ୍ଞ ଉପଲବ୍ଧ ହେବା ଆବଶ୍ୟକ । ଯଦି ଗୋଟିଏ ଲିଙ୍କ ବିଫଳ ହୁଏ, ତେବେ ସମଗ୍ର ଶୃଙ୍ଖଳ ବିଫଳ ହୋଇପାରେ ।

## ୨୦୪୦ ସୁଦ୍ଧା ଦିଲ୍ଲୀରେ ୨୦% କମିବ ପିଏମ୍ ୨.୫ ପ୍ରଦୂଷଣ ଭାର

# ବିଳମ୍ବ ହେଲେ ସ୍ୱାସ୍ଥ୍ୟ ଓ ଅର୍ଥନୀତି ଉପରେ ପଡ଼ିବ ଗୁରୁତର ପ୍ରଭାବ: ୟୁଏନ୍‌ଇପି ରିପୋର୍ଟ

**ନୂଆଦିଲ୍ଲୀ:** ଭାରତର ରାଜଧାନୀ ଦିଲ୍ଲୀ ଯଦି ୨୦୨୬ରୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଜାତୀୟ ବାୟୁ ଗୁଣବତ୍ତା ମାପଦଣ୍ଡ ହାସଲ କରିପାରେ, ତେବେ ୨୦୪୦ ସୁଦ୍ଧା ଏଠାରେ ବାୟୁ ପ୍ରଦୂଷଣଜନିତ 'ପିଏମ୍୨.୫' ସଂସ୍ପର୍ଶ ଜନିତ ସ୍ୱାସ୍ଥ୍ୟ ସମସ୍ୟା ଭାର ୨୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇବ । ତେବେ ଏହି ନିୟମ କାର୍ଯ୍ୟକାରୀ କରିବାରେ ଯଦି ୮ ବର୍ଷର ବିଳମ୍ବ ଘଟେ, ତେବେ ପ୍ରଦୂଷଣ ହ୍ରାସ ମାତ୍ର ୧୦ ପ୍ରତିଶତ ମଧ୍ୟରେ ସୀମିତ ରହିବ, ଯାହା ଦ୍ୱାରା ନାଗରିକଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତର କୁପ୍ରଭାବ ପଡ଼ିବ । ସୋମବାର ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନଇପି) ଏବଂ 'କ୍ଲାଇମେଟ୍ ଆଣ୍ଡ୍ କ୍ଲିନ୍ ଏୟାର କୋଆଲିସନ୍' ପକ୍ଷରୁ ମିଳିତ ଭାବେ ପ୍ରକାଶିତ 'ହିଡେନ୍ ଆସେଟ୍ସ: ଦି ଇକୋନୋମିକ୍ ଆଣ୍ଡ୍ ହେଲ୍ଥ କେସ୍ ଫର୍ କ୍ଲାଇମେଟ୍ ଆଣ୍ଡ୍ କ୍ଲିନ୍ ଏୟାର ଆକ୍ସନ୍' ଶୀର୍ଷକ ବିଶ୍ୱସ୍ତରୀୟ ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି ।

ଏହି ରିପୋର୍ଟଟି ଜଳବାୟୁ ଏବଂ ସ୍ୱଚ୍ଛ ବାୟୁ ଅଭିଯାନର ମିଳିତ ପ୍ରଭାବ



ଉପରେ ଆଧାରିତ ପ୍ରଥମ ବ୍ୟାପକ ଆର୍ଥିକ ଆକଳନ । ବାୟୁ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ସମସ୍ୟାର ଏକାକାଳୀନ ସମାଧାନ ପାଇଁ ରିପୋର୍ଟରେ ୨୫ଟି ବ୍ୟବହାରିକ ପଦକ୍ଷେପ ଚିହ୍ନଟ କରାଯାଇଛି । ଏଥିମଧ୍ୟରେ ଅକ୍ଷୟ ଶକ୍ତି, ଶକ୍ତି ଦକ୍ଷତା, ସ୍ୱଚ୍ଛ ରୋଷେଇ ଓ ଉତ୍ତାପ ବ୍ୟବସ୍ଥା ଏବଂ ଯାନବାହାନରୁ ନିର୍ଗତ ଧୂଆଁ ଉପରେ କଡ଼ା କଟକଣା ପ୍ରମୁଖ ସାମିଲ ରହିଛି । ଏହି ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କଲେ ୨୦୩୫ ସୁଦ୍ଧା ବିଶ୍ୱ ଜିଡିପିର ୨.୮ ପ୍ରତିଶତ, ୨୦୫୦ ସୁଦ୍ଧା ୪.୫ ପ୍ରତିଶତ ଏବଂ ୨୧୦୦ ସୁଦ୍ଧା ୧୧.୪ ପ୍ରତିଶତ ବାର୍ଷିକ ଆର୍ଥିକ ଫାଇଦା ମିଳିପାରିବ ।

ଅନ୍ୟପଟେ, ଏହି ନୀତିଗୁଡ଼ିକୁ ଲାଗୁ କରିବାରେ ବାର୍ଷିକ ବିଳମ୍ବ ହେଲେ ବିଶ୍ୱ ଜିଡିପିର ୦.୫ ପ୍ରତିଶତରୁ ଅଧିକ ଆର୍ଥିକ କ୍ଷତି ସହିବାକୁ ପଡ଼ିବ, ଯାହା ପ୍ରାୟ ୧.୫ ଟ୍ରିଲିୟନ୍ ଆମେରିକୀୟ ଡଲାର ସହ ସମାନ । ବିଶ୍ୱସ୍ତରରେ ଅନୁଷ୍ଠାନିକ କଟକଣା ଏବଂ ନୀତିଗତ ସମସ୍ୟା ଯୋଗୁଁ ଯୋଜନା କାର୍ଯ୍ୟକାରୀ ହେବାରେ ହାରାହାରି ୭.୫ରୁ ୮ ବର୍ଷର ବିଳମ୍ବ ଘଟିଥାଏ । ଯଦି ଏହିପରି ବିଳମ୍ବ ଜାରି ରହେ, ତେବେ ୨୦୩୫ ସୁଦ୍ଧା ହାସଲ ହେବାକୁ ଥିବା ପ୍ରଦୂଷଣ ହ୍ରାସ ଲକ୍ଷ୍ୟ ଅଧା ହୋଇଯିବ ବୋଲି ରିପୋର୍ଟରେ ଚେତାବନୀ ଦିଆଯାଇଛି ।

# ରାଜ୍ୟର ୭ ଜିଲ୍ଲାରେ ମ୍ୟାଲେରିଆ ମାଲକାନଗିରିରୁ ସର୍ବାଧିକ କେସ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ମ୍ୟାଲେରିଆକୁ ନେଇ ବଢ଼ିଲା ଚିନ୍ତା । ୭ ଜିଲ୍ଲାରେ ଏବେ ଦେଖାଦେଇଛି ମ୍ୟାଲେରିଆର ପ୍ରକୋପ । ସବୁଠୁ ଅଧିକ ଆକ୍ରାନ୍ତ ଜିଲ୍ଲା ହେଉଛି ମାଲକାନଗିରି । ରାଜ୍ୟର ମୋଟ ମ୍ୟାଲେରିଆ କେସ୍‌ର ପ୍ରାୟ ୨୪ ପ୍ରତିଶତ କେବଳ ମାଲକାନଗିରିରୁ ଚିହ୍ନଟ ହୋଇଛି । ମ୍ୟାଲେରିଆ ପ୍ରବଣ ଅଞ୍ଚଳରେ ନିରାକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗର ଜୋରଦାର ଅଭିଯାନ ଜାରି ରହିଛି । ରାଜ୍ୟରେ ଏବେ ଚାଲିଛି ମ୍ୟାଲେରିଆ ସିଜନ୍ । କାରଣ ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ମ୍ୟାଲେରିଆ କେସ୍ ଅଧିକ ଚିହ୍ନଟ ହୋଇଥାଏ । ବର୍ତ୍ତମାନ ରାଜ୍ୟର ୭ଟି ଜିଲ୍ଲାରେ ମ୍ୟାଲେରିଆର ପ୍ରଭାବ ରହିଛି । ମାଲକାନଗିରି ମ୍ୟାଲେରିଆ ପ୍ରବଣ ଅଞ୍ଚଳ ହୋଇଥିବାରୁ ସେଠାରୁ ସର୍ବାଧିକ କେସ୍ ଚିହ୍ନଟ ହେଉଛି । ରାଜ୍ୟର ମୋଟ ମ୍ୟାଲେରିଆ କେସ୍‌ର ପ୍ରାୟ ୨୪ ପ୍ରତିଶତ କେବଳ ମାଲକାନଗିରିରୁ ଆସିଛି ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ରବୀନ୍ଦ୍ରନାଥ ମିଶ୍ର । ସେ ଆହୁରି ମଧ୍ୟ କହିଛନ୍ତି, ମ୍ୟାଲେରିଆ ନିରାକରଣ ପାଇଁ ମାଲକାନଗିରିରେ ଜିଲ୍ଲା ଟିମ୍ ସହ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଟିମ୍ ନିରନ୍ତର କାର୍ଯ୍ୟ କରୁଛନ୍ତି । ଆବଶ୍ୟକତା ଅନୁସାରେ ମ୍ୟାଲେରିଆ ପ୍ରବଣ ଅଞ୍ଚଳକୁ ସ୍ୱାସ୍ଥ୍ୟ ବିଭାଗର ଟିମ୍ ପଠାଯାଉଛି । କେସ୍ କମାଇବା ସହ ରୋଗର ଶୀଘ୍ର ଚିହ୍ନଟ ଓ ଚିକିତ୍ସା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ରବୀନ୍ଦ୍ରନାଥ ମିଶ୍ର ।

ଏପଟେ ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ 'ଦମନ' ଭଳି ବିଭିନ୍ନ କାର୍ଯ୍ୟକ୍ରମ ଚାଲିଛି । ଲୋକଙ୍କୁ ମେଡିକେଟେଡ୍ ମଶାରୀ ବଣ୍ଟନ କରାଯାଇଛି । ଏଥିସହ ନିୟମିତ ସ୍କ୍ରିନିଂ, ଚିକିତ୍ସା ଓ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଜାରି ରହିଛି । 'ବର୍ତ୍ତମାନ ମ୍ୟାଲେରିଆ ସିଜନ୍ ଚାଲିଥିବାରୁ କେସ୍ ଅଧିକ ଆସିପାରେ । ତେବେ ସେପ୍ଟେମ୍ବର ପରେ ମ୍ୟାଲେରିଆ କେସ୍ କମିବା ଆରମ୍ଭ କରିବ' ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ରବୀନ୍ଦ୍ରନାଥ ମିଶ୍ର । ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଉପରେ ନଜର ପକାଇଲେ ଦେଖାଯାଏ, ରାଜ୍ୟରେ ଧୀରେ ଧୀରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗୁଛି । ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ରାଜ୍ୟରେ ୪୮ ଲକ୍ଷ ୮୪ ହଜାର ୭୩୩ ମ୍ୟାଲେରିଆ ଟେଷ୍ଟିଂ କରାଯାଇଥିବା ବେଳେ ସେଥିମଧ୍ୟରୁ ୧୭ ହଜାର ୯୮୨ ବ୍ୟକ୍ତିଙ୍କର ପଜିଟିଭ ଚିହ୍ନଟ ହୋଇଛି । ଯାହା ଗତବର୍ଷର ମୋଟ ସଂଖ୍ୟା ତୁଳନାରେ ୫୧ ପ୍ରତିଶତ କମ ରହିଛି । ହେଲେ ଜୁନରୁ ସେପ୍ଟେମ୍ବର ମ୍ୟାଲେରିଆ ସିଜନ ହୋଇଥିବାରୁ ଚଳିତ ବର୍ଷର ସଂଖ୍ୟା ଆହୁରି ବୃଦ୍ଧି ପାଇବ । ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁସାରେ, ୨୦୧୪ ରୁ ୨୦୨୩ ମଧ୍ୟରେ ରାଜ୍ୟରେ ୭ କୋଟି ୧ ଲକ୍ଷ ୪ ହଜାର ୨୧୪ ଜଣଙ୍କ ପରୀକ୍ଷା କରାଯାଇଥିଲା । ସେଥିମଧ୍ୟରୁ ୧୮ ଲକ୍ଷ ୬୩ ହଜାର ୪୦୮ ଜଣ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିଲେ । ଏହା ସହିତ ମ୍ୟାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ରହିଥିଲା ୩୧୩ ।

# ଦିଲ୍ଲୀ ନୁହେଁ, ଗୁଜରାଟରେ ହେବ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମାରୋହ

**ନୂଆଦିଲ୍ଲୀ :** ଚଳିତ ବର୍ଷର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମାରୋହ ରାଜଧାନୀ ଦିଲ୍ଲୀ ବଦଳରେ ଗୁଜରାଟରେ ଅନୁଷ୍ଠିତ ହେବ । ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମାରୋହ ଗୁଜରାଟର କେଭାଡିଆରେ ଆୟୋଜିତ ହେବାକୁ ଥିବାବେଳେ, ଆସନ୍ତା ସେପ୍ଟେମ୍ବର ୨୨ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଜେତାମାନଙ୍କୁ ପୁରସ୍କୃତ କରିବେ । ସାଧାରଣତଃ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମାରୋହ ନୂଆଦିଲ୍ଲୀରେ ଆୟୋଜିତ ହୋଇଥାଏ । ତେବେ ଏଥର ଏହି ପରମ୍ପରାରେ ବ୍ୟତିକ୍ରମ ଦେଖିବାକୁ ମିଳିବ । ଯଦିଓ ପୂର୍ବରୁ ମଧ୍ୟ ଦିଲ୍ଲୀ ବାହାରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମାରୋହ ଆୟୋଜିତ ହୋଇଛି । ୧୯୭୧ ମସିହାରେ ଚେନ୍ନାଇରେ ୧୭ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଥିଲା । ଏହା ପରେ ଦୀର୍ଘ ସମୟ ପରେ ପୁଣିଥରେ ରାଜଧାନୀ ବାହାରେ ଏହି ସମାରୋହ ଆୟୋଜନ ହେବାକୁ ଯାଉଛି । ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରର ବିଜେତାମାନଙ୍କ ନାମ ଗତ ଜୁଲାଇରେ ଘୋଷଣା କରାଯାଇସାରିଛି । ଏଥର ବିଭିନ୍ନ ବର୍ଗରେ ଅନେକ ଚର୍ଚ୍ଚିତ ଚଳଚ୍ଚିତ୍ର ଓ କଳାକାର ପୁରସ୍କୃତ ହେବେ । ଚଳଚ୍ଚିତ୍ର 'ଆର୍ଟିକଲ ୩୭୦'କୁ ଶ୍ରେଷ୍ଠ ଫିଚର ଫିଲ୍ମ ଭାବେ ଚୟନ କରାଯାଇଛି । ଏହି ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଥିବା ଯାମୀ ଗୌତମଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ମିଳିବ । ସେହିପରି, ମାଲାୟଲମ ସୁପରଷ୍ଟାର ମାମୁଟି ଓ ବଲିଉଡ ଅଭିନେତା କାର୍ତ୍ତିକ ଆର୍ଯ୍ୟନ ଯଥାକ୍ରମେ 'ବ୍ରହ୍ମଯୁଗମ' ଓ 'ଚନ୍ଦୁ ଚାମ୍ପିଅନ୍'ରେ ଅଭିନୟ ପାଇଁ ମିଳିତ ଭାବେ ଶ୍ରେଷ୍ଠ ଅଭିନେତା ପୁରସ୍କାର ପାଇବେ । ଅଭିନେତା ତଥା ନିର୍ଦ୍ଦେଶକ ରଣଦୀପ ହୁଡାଙ୍କୁ 'ସ୍ୱାଧୀନ ବୀର ସାଭରକର' ଚଳଚ୍ଚିତ୍ର ପାଇଁ ଶ୍ରେଷ୍ଠ ଡେବ୍ୟୁ ନିର୍ଦ୍ଦେଶକ ପୁରସ୍କାର ପ୍ରଦାନ କରାଯିବ । ବିନାୟକ ଦାମୋଦର ସାଭରକରଙ୍କ ଜୀବନୀକୁ ଆଧାର କରି ନିର୍ମିତ ଏହି ଚଳଚ୍ଚିତ୍ରରେ ରଣଦୀପ ହୁଡା ଅଭିନୟ ସହ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି । ତେଲୁଗୁ ଚଳଚ୍ଚିତ୍ର 'କଲକି ୨୮୯୮ ଏଡି'କୁ ସମ୍ପୂର୍ଣ୍ଣ ମନୋରଞ୍ଜନ ପ୍ରଦାନ କରୁଥିବା ଶ୍ରେଷ୍ଠ ଲୋକପ୍ରିୟ ଚଳଚ୍ଚିତ୍ର ବର୍ଗରେ ପୁରସ୍କାର ମିଳିବ । ଅନ୍ୟପକ୍ଷରେ, ଅରୁଣ ମାଥେଶ୍ୱରନଙ୍କ ନିର୍ଦ୍ଦେଶିତ ଓ ଧନୁଷ ଅଭିନୀତ ତାମିଲ ଚଳଚ୍ଚିତ୍ର 'କ୍ୟାପଟେନ୍ ମିଲର'କୁ ଜାତୀୟ, ସାମାଜିକ ଓ ପରିବେଶଗତ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରୁଥିବା ଶ୍ରେଷ୍ଠ ଫିଚର ଫିଲ୍ମ ଭାବେ ସମ୍ମାନିତ କରାଯିବ । ଏଥର ଦିଲ୍ଲୀ ବାହାରେ, ଗୁଜରାଟର କେଭାଡିଆରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମାରୋହ ଆୟୋଜନ ହେବା ନେଇ ଚଳଚ୍ଚିତ୍ର ଜଗତରେ ମଧ୍ୟ ଉତ୍ସୁକତା ପ୍ରକାଶ ପାଇଛି ।




# ଡାଇରିଆକୁ ଇନ୍ଧନ ଯୋଗାଉଛି ଦୂଷିତ ପାଣି

**ଜୟପୁର (ରାଜସ୍ଥାନ)**

ବର୍ଷା ଆସିଲେ ରାଜସ୍ଥାନ ପାଇଁ ଖୁସି ଖବର ଆଣିବା ସହ ଡାକିଆଣେ ରୋଗ । କାରଣ ବର୍ଷା ଦିନରେ ଜଳବାହିତ ରୋଗ ରାଜ୍ୟ ପାଇଁ ଚିନ୍ତାର କାରଣ ସାଜେ । ଏଥିସହ ହସ୍ପିଟାଲ ମାନଙ୍କରେ ଡାଇରିଆ ରୋଗୀଙ୍କ ସଂଖ୍ୟା ମଧ୍ୟ ବଢ଼ିଯାଏ । ଡାକ୍ତରଙ୍କ କହିବାନୁଯାୟୀ, ଦୂଷିତ ପାଣି ଓ ଖାଦ୍ୟ ଏହାର କାରଣ ଅଟେ । ଏଥିପାଇଁ ଖାଦ୍ୟ, ସ୍ୱଚ୍ଛ ପାଣି, ସ୍ୱଚ୍ଛତା ଉପରେ ବିଶେଷ ଧ୍ୟାନ ଦିଆଯିବା ଆବଶ୍ୟକ । ବର୍ଷା ପାଣି ପାଣିର ଉତ୍ସକୁ ଦୂଷିତ କରେ । ପରିମଳ ବ୍ୟବସ୍ଥା ଠିକ୍ ନଥିଲେ ପାଣିରେ ବ୍ୟାକ୍ଟେରିଆ ବଢିବାରେ ସହାୟକ ହୋଇଥାଏ । ରାଜସ୍ଥାନ ସ୍ୱାସ୍ଥ୍ୟବିଭାଗ ସୂଚନା ଅନୁଯାୟୀ, ଜୟପୁର, ଯୋଧପୁର, କୋଟା, ଉଦୟପୁର, ଅଜମେର, ଅଲୱାର, ଭରତପୁର, ଭିଲୱାରା, ସିକାର ଓ ବଂଶୱାରା ଅଞ୍ଚଳରେ ବର୍ଷା ଦିନରେ ଅଧିକ ଡାଇରିଆ ରୋଗୀ ଚିହ୍ନଟ ହୁଅନ୍ତି । ବିଶେଷକରି ଛୋଟ ପିଲା ଓ ବୟସ୍କ ଶୀଘ୍ର ସଂକ୍ରମିତ ହୁଅନ୍ତି । ଡାକ୍ତରଙ୍କ କହିବା ଅନୁଯାୟୀ, ଦୂଷିତ ପାଣି ପିଇବା, ଘୋଡା ଯାଇନଥିବା ଖାଦ୍ୟ ଖାଇବା, ନଧୋଇକି ଫଳ ପନିପରିବା ଖାଇବା, ଖାଇବା ପୂର୍ବରୁ ହାତ ନଧୋଇବା । ସଠିକ୍ ଭାବେ ଚିକିତ୍ସା ନକଲେ ଡାଇରିଆ ସଙ୍ଗୀନ ମଧ୍ୟ ହୋଇପାରେ । ଫଳରେ ଶରୀର ଦୁର୍ବଳ ହୋଇଯାଏ । ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ଡାକ୍ତର ନୀରଜ ନାଗାୟଚ କହିଛନ୍ତି ଯେ, ବର୍ଷା ଋତୁରେ ହେପାଟାଇଟିସ ଓ ଡାଇରିଆ ଭଳି ରୋଗର ବିପଦ



ବଢ଼ିଯାଏ । ଏହାକୁ ଅଣଦେଖା କଲେ ଜୀବନ ପ୍ରତି ବିପଦ ବଢ଼ିଯାଏ । ତେବେ ସଠିକ୍ ସମୟରେ ଚିକିତ୍ସା ଏହି ରୋଗକୁ ଭଲ କରିଦିଏ ବୋଲି ଡାକ୍ତର କହିଛନ୍ତି । ଏହି ୩ ଦିଗ ଉପରେ ଧ୍ୟାନ ଦେଲେ ଡାଇରିଆ ରୋଗକୁ ପ୍ରତିହତ କରାଯାଇପାରେ । ଡାଇରିଆକୁ ନିୟନ୍ତ୍ରଣ ପାଇଁ ରାଜସ୍ଥାନ ସରକାର କାର୍ଯ୍ୟ କରୁଛନ୍ତି । କିନ୍ତୁ ଏହି ରୋଗୀଙ୍କ ସଂଖ୍ୟା ଚିନ୍ତାଜନକ ଅଟେ । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ, ୩୯୦୦ରୁ ଅଧିକ ପିଲା ଡାଇରିଆରେ ଆକ୍ରାନ୍ତ ହୋଇ ପ୍ରାଣ ହରାଉଛନ୍ତି । ୫ ବର୍ଷରୁ କମ୍ ଶିଶୁଙ୍କ ଡାଇରିଆ ଜନିତ ମୃତ୍ୟୁହାର ୫.୮ ପ୍ରତିଶତ ରହିଛି । ଏହାରି ମଧ୍ୟରେ ଏକ ଖୁସି ଖବର ଏହା ଯେ, ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୬ (୨୦୨୩-୨୪) ରିପୋର୍ଟ କହୁଛି, ରାଜସ୍ଥାନରେ ଡାଇରିଆରେ ଶିଶୁଙ୍କ ମୃତ୍ୟୁ ସଂଖ୍ୟା ୬.୧% ରୁ ୫.୮%କୁ ହ୍ରାସ ପାଇଛି । ତେବେ ଜାତୀୟ ହାର ଠାରୁ କମ୍ ରହିଛି । ଜାତୀୟ ହାର ୭.୯% ରହିଛି । ଡାଇରିଆକୁ ରୋକିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଷ୍ଟପ ଡାଇରିଆ ବା ଡାଇରିଆ ବନ୍ଦ ନାମରେ ଏକ ଅଭିଯାନ ଜାରି ରଖିଛି । ଜୁଲାଇ ୩୧ ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିବ । ଏହି ଅଭିଯାନରେ ୫ ବର୍ଷଠୁ କମ୍ ଶିଶୁ କିପରି ସୁସ୍ଥ ରହିବେ ଏଥିପ୍ରତି ବିଶେଷ ଧ୍ୟାନ ଦିଆଯାଇଛି । ପିଲା ମାନଙ୍କୁ ଓଆରଏସ, ଜିଙ୍କ୍ ମେଡିସନ ଆଦି ପ୍ରଦାନ କରାଯାଉଛି । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ରବି ପ୍ରକାଶ ଶର୍ମା କହିଛନ୍ତି ଯେ, ଆଶା କର୍ମୀ ମାନେ ଘରକୁ ଘର ବୁଲି ୫ ବର୍ଷରୁ କମ୍ ଶିଶୁଙ୍କୁ ୨ଟି ଓଆରଏସ ପ୍ୟାକେଟ ଓ ୧୪ ଦିନ ପାଇଁ ଜିଙ୍କ୍ ମେଡିସିନ ବାଣ୍ଟୁଛନ୍ତି । ପିଲାଙ୍କୁ ଡାଇରିଆ ଲକ୍ଷଣ ଦେଖାଯିବା ମାତ୍ରେ ତୁରନ୍ତ ଚିକିତ୍ସା କରାଇବା ପାଇଁ ସଚେତନ କରୁଛନ୍ତି । ସାଧାରଣ ରୋଗ ପରି ଡାଇରିଆ ଜଣାପଡିଲେ ମଧ୍ୟ ଏହାକୁ ହାଲୁକା ଭାବେ ଗ୍ରହଣ କରନ୍ତୁ ନାହିଁ । ବର୍ଷା ଦିନେ ବିଶେଷ ଧ୍ୟାନ ଦିଅନ୍ତୁ ।

# ପାରାଦ୍ୱୀପ ବନ୍ଦରକୁ ଐତିହାସିକ ସଫଳତା : ୧୬.୫ ମିଟର ଡ୍ରାଫ୍ଟର ପ୍ରଥମ କ୍ୟାପ୍‌ସାଇଜ୍ ଜାହାଜକୁ ବର୍ଥିଂ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷ (PPA) ହାସଲ କରିଛି ଏକ ବଡ଼ ଐତିହାସିକ ସଫଳତା । ପ୍ରଥମ ଥର ପାଇଁ ୧୬.୫ ମିଟର ଡ୍ରାଫ୍ଟ ବିଶିଷ୍ଟ କ୍ୟାପ୍‌ସାଇଜ୍ ଶ୍ରେଣୀର ବୃହତ୍ ମାଲବାହୀ ଜାହାଜ 'MV Mineral Kwangyang'କୁ ପଶ୍ଚିମ ଡକ୍-୧ (WD-1)ରେ ସଫଳତାର ସହ ବର୍ଥିଂ କରାଯାଇଛି । ଏହା ଫଳରେ ଗଭୀର ଡ୍ରାଫ୍ଟ ଓ ଅଧିକ କ୍ଷମତାସମ୍ପନ୍ନ ବଲ୍କ୍ କ୍ୟାରିୟର ପରିଚାଳନା କ୍ଷେତ୍ରରେ ପାରାଦ୍ୱୀପ ବନ୍ଦରର କ୍ଷମତା ଆହୁରି ବୃଦ୍ଧି ପାଇଛି । ପାରାଦ୍ୱୀପ ପୋର୍ଟ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସୂଚନା ଅନୁଯାୟୀ 'MV Mineral Kwangyang'ର ଲମ୍ବ ୨୯୨ ମିଟର ଏବଂ ପ୍ରସ୍ଥ ୪୫ ମିଟର । ଜାହାଜର ଡ୍ରାଫ୍ଟ ୧୬.୫୦ ମିଟର ରହିଛି । ଅଷ୍ଟ୍ରେଲିଆର ହେ ପଏଣ୍ଟରୁ କୋକିଂ କୋଲ୍ ନେଇ ଏହି ଜାହାଜ ସେପ୍ଟେମ୍ବର ୫ ତାରିଖରେ ପାରାଦ୍ୱୀପରେ ପହଞ୍ଚିଥିଲା ।



ସେପ୍ଟେମ୍ବର ୬ ତାରିଖ ସକାଳ ୬ଟାରେ ଏହାକୁ ପଶ୍ଚିମ ଡକ୍-୧ରେ ସଫଳତାର ସହ ବର୍ଥିଂ କରାଯାଇଥିଲା । ଜାହାଜଟି ୯ଟି ହୋଲ୍ଡରେ ମୋଟ ୧ ଲକ୍ଷ ୫୨ ହଜାର ୭୦୨ ମେଟ୍ରିକ୍ ଟନ୍ କୋକିଂ କୋଲ୍ ପରିବହନ କରୁଛି । ଏତେ ଅଧିକ ଡ୍ରାଫ୍ଟ ବିଶିଷ୍ଟ କ୍ୟାପ୍‌ସାଇଜ୍ ଜାହାଜକୁ ଡଉ-୧ରେ ସଫଳତାର ସହ ପରିଚାଳନା କରିବା ପାରାଦ୍ୱୀପ ବନ୍ଦରର ଉନ୍ନତ ଡିପ୍-ଡ୍ରାଫ୍ଟ ହ୍ୟାଣ୍ଡଲିଂ କ୍ଷମତାର ପ୍ରମାଣ ବୋଲି କୁହାଯାଇଛି । ଏହି ସଫଳତା ଫଳରେ ଆଗାମୀ ଦିନରେ ଅଧିକ ବଡ଼ ଓ ଅଧିକ କ୍ଷମତାସମ୍ପନ୍ନ ବଲ୍କ୍ କ୍ୟାରିୟର ପରିଚାଳନା ସହଜ ହେବ । ଏଥିସହ ମାଲ ପରିବହନ ବ୍ୟବସ୍ଥାରେ ଦକ୍ଷତା ବଢ଼ିବା ସହ ଜାହାଜର ଟର୍ଣ୍ଣଆରାଉଣ୍ଡ ସମୟ ହ୍ରାସ ପାଇବା ଆଶା କରାଯାଉଛି । ଏହି ଅବସରରେ ପାରାଦ୍ୱୀପ ପୋର୍ଟ ଅଥରିଟିର ଟ୍ରାଫିକ୍ ମ୍ୟାନେଜର ରାଜେନ୍ଦ୍ର କୁମାର ଏବଂ ଜିନ୍ଦଲ ପାରାଦ୍ୱୀପ ପୋର୍ଟ ଲିମିଟେଡ୍‌ର ଡେପୁଟି ସିଇଓ ସନ୍ଦୀପ ଜୈସୱାଲଙ୍କ ମଧ୍ୟରେ ଶୁଭେଚ୍ଛା ବିନିମୟ ହୋଇଥିଲା ।

# ବିଶ୍ୱ ସାକ୍ଷରତା ଦିବସ: ନିରକ୍ଷରଙ୍କୁ ସାକ୍ଷର କରୁଛି 'ଉଲ୍ଲାସ', ଏ ବର୍ଷ ସାକ୍ଷର ହେବେ ୨୫ଲକ୍ଷ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ କେହି ଅପାଠୁଆ ରହିବେ ନାହିଁ । ସମସ୍ତଙ୍କ ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ଓ ବ୍ୟବହାରିକ ଜୀବନ କୌଶଳ ଶିକ୍ଷାକୁ ଗୁରୁତ୍ୱ ଦିଆଯିବ । ଅପହଞ୍ଚ ଅଞ୍ଚଳ, ଆଦିବାସୀ ଗାଁ, ଶ୍ରମିକ ଓ ଉପେକ୍ଷିତ ସମୁଦାୟ ମଧ୍ୟରେ ଶିକ୍ଷାର ଆଭା ସୃଷ୍ଟି କରାଯିବ । ଏପରି ଲକ୍ଷ୍ୟ ନେଇ କେନ୍ଦ୍ର ସରକାର ଆରମ୍ଭ କରିଛନ୍ତି ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ (ଉଲ୍ଲାସ) । ସାରା ଦେଶରେ ୩ କୋଟି ୯୨ ଶିକ୍ଷାର୍ଥୀ ଓ ୫୧ଲକ୍ଷ ୪ ହଜାର ସ୍ୱେଚ୍ଛାସେବୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି । ଯେଉଁମାନେ ଅଧାରୁ ପାଠ ପଢ଼ା ଛାଡ଼ିଥିବେ କିମ୍ବା ନିରକ୍ଷର ରହିଥିବେ ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରାଯିବ । ଓଡ଼ିଶାରେ ଚଳିତବର୍ଷ ୨୫ ଲକ୍ଷ ନିରକ୍ଷରଙ୍କୁ ଶିକ୍ଷା ପାଇଁ ସାମିଲ କରାଯିବ । ଏହି ଲକ୍ଷ୍ୟ ହାସଲ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କଡ଼ା ଆଭିମୁଖ୍ୟ ମଧ୍ୟ ଗ୍ରହଣ କରାଯାଇଛି । ବିଭାଗର ତଥ୍ୟ



ଅନୁଯାୟୀ, ୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟରେ ମୋଟ ୯୧ ଲକ୍ଷ ୫୨ ହଜାର ୯୦୧ଜଣ ନିରକ୍ଷର ଅଛନ୍ତି । ଏଥିରୁ ୩୦ ଲକ୍ଷ ୩୩ ହଜାର ୭୧୫ଜଣ ପୁରୁଷ ଓ ୬୧ ଲକ୍ଷ ୧୯ ହଜାର ୧୮୬ଜଣ ମହିଳା ରହିଛନ୍ତି । ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୨୨ ଲକ୍ଷ ୬୦ ହଜାର ନିରକ୍ଷର ବ୍ୟକ୍ତିଙ୍କୁ ଉଲ୍ଲାସ କାର୍ଯ୍ୟକ୍ରମରେ ସାମିଲ କରି ସାକ୍ଷର କରିବାକୁ ଲକ୍ଷ୍ୟ ସ୍ଥିର କରିଥିଲେ । ଏଥିପାଇଁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପ୍ରଥମ ଓ ଦ୍ୱିତୀୟ ଏଫ୍‌ଏଲ୍‌ଏନ୍‌ଏଟି ଯଥାକ୍ରମେ ୨୦୨୫ ଅକ୍ଟୋବର ମାସ ଓ ୨୦୨୬ ମାର୍ଚ୍ଚ ହୋଇଛି । ଏଥିରେ ମୋଟ ୧୦ ଲକ୍ଷ ୫୫ ହଜାର ୮୧୭ଜଣ ବ୍ୟକ୍ତି ପରୀକ୍ଷା ଦେଇଥିଲେ । ଯାହା ବିଭାଗ ପାଖକୁ ବିଭିନ୍ନ ଜିଲ୍ଲା ଓ ବ୍ଲକରୁ ତଥ୍ୟ ଆସିଥିଲା । ଏଥି ପ୍ରଶ୍ନ ଉଠୁଛି ଗତବର୍ଷ ୨୨ ଲକ୍ଷ ୬୦ ହଜାର ନିରକ୍ଷରଙ୍କୁ ଚିହ୍ନଟ କରାଯାଇଥିଲା । ହେଲେ ଏହାର ଅଧା ଟାର୍ଗେଟ୍ ପୂରଣ ହେଲାନି । ମାତ୍ର ୧୦ ଲକ୍ଷ ୫୫ ହଜାର ନିରକ୍ଷର ପରୀକ୍ଷା ଦେଲେ । ଏବର୍ଷ ସରକାର ଲକ୍ଷ୍ୟ ରଖିବା ଟାର୍ଗେଟ୍ ପୂରଣ ହେବ ତ ବୋଲି ଶିକ୍ଷାବିତ୍ ମାନେ ପ୍ରଶ୍ନ କରିଛନ୍ତି । ଚିହ୍ନଟ ହୋଇଥିବା ୨୫ ଲକ୍ଷ ନିରକ୍ଷରଙ୍କ ମଧ୍ୟରୁ କେତେ ଜଣ ମୁଖ୍ୟସ୍ରୋତରେ ସାମିଲ ହେବେ ଆଉ ପାଠ ପଢ଼ି ସାକ୍ଷର ହେବେ? ତାହା ସମୟ କହିବ । କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଗତ ମାର୍ଚ୍ଚ ୧୯ ତାରିଖରେ ପ୍ରକଳ୍ପ ଅନୁମୋଦନ ବୋର୍ଡ (ପିଏବି) ବୈଠକରେ ଓଡ଼ିଶାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଏହି କାର୍ଯ୍ୟକ୍ରମ ଆକ୍ସନ ପ୍ଲାନ ଓ ବଜେଟ୍ ଉପସ୍ଥାପନ କରାଯାଇଛି । ଯେଉଁଥିରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟକୁ ୨୫ ଲକ୍ଷ ନିରକ୍ଷରଙ୍କୁ ଚିହ୍ନଟ କରି ସାକ୍ଷର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଟାର୍ଗେଟ୍‌କୁ ହାସଲ କରିବାକୁ ମଧ୍ୟ କୁହାଯାଇଛି । ଅନ୍ୟପଟେ ଗତ ୧ ତାରିଖରୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଉଲ୍ଲାସ ସପ୍ତାହ ପାଳନ ଆରମ୍ଭ କରାଯାଇଛି । ଏନେଇ ସମସ୍ତ ରାଜ୍ୟକୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଚିଠି ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି କରିଛି । ଏଥିରେ ସେପଟେମ୍ବର ୮ ତାରିଖ ଅର୍ଥାତ୍ ଆସନ୍ତାକାଲି ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ କରାଯିବ । ସାରା ଦେଶରେ ୩ କୋଟି ୯୨ ଶିକ୍ଷାର୍ଥୀ ଓ ୫୧ଲକ୍ଷ ୪ ହଜାର ସ୍ୱେଚ୍ଛାସେବୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି । ଉଲ୍ଲାସ ମୋବାଇଲ୍ ଆପ୍ରେ ପଞ୍ଜୀକରଣ କରିଛନ୍ତି । ୩.୩୫ କୋଟି ଶିକ୍ଷାର୍ଥୀ ଫାଉଣ୍ଡେସନ୍ନାଲ ଲିଟେରାସି ଆଣ୍ଡ ନ୍ୟୁମେରିସି ଆସେସ୍ମେଣ୍ଟ ଟେଷ୍ଟ (ଏଫ୍‌ଏଲ୍‌ଏନ୍‌ଏଟି) ଦେଇଛନ୍ତି । ଏହି ଉଲ୍ଲାସ ପକ୍ଷ ସମୟରେ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ କରାଯିବ । ଯେଉଁଥିରେ ଶିକ୍ଷାର୍ଥୀ ଓ ସ୍ୱେଚ୍ଛାସେବୀ ଶିକ୍ଷକଙ୍କୁ ମୋବାଇଲ୍ ଆପ୍ଲିକେସନ ମାଧ୍ୟମରେ ପଞ୍ଜୀକରଣ କରାଯିବ । ସେମାନେ ଘରକୁ ଘର ବୁଲି ଅପାଠୁଆଙ୍କୁ ପଢ଼ିବା ପାଇଁ ପଞ୍ଜୀକରଣ କରାଇବେ । ସେହିପରି ବିଭିନ୍ନ କର୍ମଶାଳା, ସେମିନାର, ସମ୍ମିଳନୀ ଓ ବୈଠକ କରାଯିବ । ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ କରାଯିବ ।

ଭୁବନେଶ୍ୱର, ୦୯ ସେପ୍ଟେମ୍ବର, ବୁଧବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

# ମହାପ୍ରଭୁଙ୍କ ଗୀତଗୋବିନ୍ଦ ପାଟ ବସ୍ତ୍ରରେ ପିଲାଙ୍କ ଫ୍ରକ୍ !

**ପୁରୀ, ୦୮/୦୯ ନ୍ୟୁଜ ବ୍ୟୁରୋ**

ସତ୍ୟ ହୋଇଥିଲେ ଆଶଙ୍କା ଠାରୁ ସାଂଘାତିକ। ଗୀତଗୋବିନ୍ଦ ଖଣ୍ଡୁଆରେ ତିଆରି ହେଉଛି ପିଲାଙ୍କ ଫ୍ରକ୍ । ମହାପ୍ରଭୁଙ୍କ ଅତିପ୍ରିୟ ଗୀତଗୋବିନ୍ଦ ଉଲ୍ଲେଖ ଥିବା ପାଟକୁ ଚିରି ସେଥିରେ ଦରଜୀ ତିଆରୁଛନ୍ତି ପସନ୍ଦ ମୁତାବକ ପୋଷାକ। ଏଭଳି ଏକ ସମ୍ବେଦନଶୀଳ ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି । ପୂର୍ବରୁ ମହାପ୍ରଭୁଙ୍କ ଖଣ୍ଡୁଆର ମର୍ଯ୍ୟାଦା ହାନି ହେଉଛି ବୋଲି ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ପୁଷ୍ପାଳକ ନିଯୋଗ ଉଦ୍‌ବେଗ ପ୍ରକାଶ କରିଥିଲା। ଏବେ ଭୁବନେଶ୍ୱରରେ ଗୀତଗୋବିନ୍ଦ ଲିଖିତ ବସ୍ତ୍ରରେ ଫ୍ରକ୍ ତିଆରି ଦେଖିବା ପରେ ବିଭିନ୍ନ ମହଲରେ କ୍ଷୋଭ ପ୍ରକାଶ ପାଇଛି। ଇସ୍କନର ଅ-ତିଥିରେ ରଥ ଯାତ୍ରା ଓ ଶ୍ରୀଜଗନ୍ନାଥଙ୍କ କାର୍ଟୁନ ଫିଲ୍ମ



ପ୍ରସାରଣରେ ରୋକ୍ ଲାଗି ନପାରିବା ବେଳକୁ ଗୀତଗୋବିନ୍ଦ ପାଟରେ ପୋଷାକ ତିଆରି ଭଳି ସମ୍ବେଦନଶୀଳ ଦୃଶ୍ୟ ଅସଲରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିର କିଭଳି ସୁରକ୍ଷା ହେଉଛି ତାହାର ପ୍ରମାଣ ମିଳୁଛି । ଆଶୁତୋଷ ପ୍ରସାଦ ମିଶ୍ର ସୋସିଆଲ ମିଡିଆରେ ଫଟୋ ସହ ଏହି ଘଟଣା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ ଭୁବନେଶ୍ୱରର ଏକ ଦୋକାନରେ ଉତ୍ତରୀରେ ୪ ବର୍ଷର ଝିଅ ପାଇଁ ଜଣେ ଦରଜୀ ଫ୍ରକ୍ ତିଆରୁଥିବା ଦେଖିଥିଲେ । ଜଣେ ବାବୁ ଗୀତଗୋବିନ୍ଦ ଉଲ୍ଲେଖ ଥିବା ବସ୍ତ୍ର ବହୁ ଖଣ୍ଡ ପାଇଥିଲେ। ତାଙ୍କ ମାଡାମ୍ ସେଥିରୁ ଚାରି ଖଣ୍ଡି ଦର୍ଜୀକୁ ଦେଇ ତାଙ୍କ ଚାରି ବର୍ଷର ଝିଅ ପାଇଁ ଫ୍ରକ୍ ତିଆରି କରିବାକୁ ବରାଦ କରିଥିଲେ । ଏହି ବସ୍ତ୍ରର ମହତ୍ତ୍ୱ ନଜାଣି ସୁନ୍ଦର ଦିଶୁଥିବା କପଡ଼ାରେ ପୋଷାକ ତିଆରି କରିଛି ବୋଲି ଦରଜୀ ଜଣକ ତାଙ୍କୁ କହିଥିଲେ । ଏଭଳି ଦୃଶ୍ୟ ଆଶୁତୋଷଙ୍କ ହୃଦୟକୁ ଗଭୀର ଆଘାତ ଦେବାରୁ ସେ ସାମାଜିକ ଗଣମାଧ୍ୟମ ଜରିଆରେ ସଚେତନତା ସୃଷ୍ଟି ପାଇଁ ଉଦ୍ୟମ କରିଛନ୍ତି । ଗୀତଗୋବିନ୍ଦ ଲିଖିତ ପାଟବସ୍ତ୍ରକୁ ସ୍ୱୟଂ ମଣିମା ମହାପ୍ରଭୁ ନିତ୍ୟ ଧାରଣ କରିଥାନ୍ତି । ଏହାକୁ ମହାର୍ଦ୍ଦ ରୂପରେ ଦେବାଦେବୀ ଭୂଷିତ ହୋଇଥାନ୍ତି। ମହାପ୍ରଭୁଙ୍କ ସେବକମାନେ ମସ୍ତକରେ ବାନ୍ଧି ମହାପ୍ରଭୁଙ୍କ ସେବା ପାଇଁ ଆଜ୍ଞା ପାଇଥାନ୍ତି । ଏଭଳି ଦେବଦୁର୍ଲଭ ପବିତ୍ର ଦ୍ରବ୍ୟକୁ ଅତିଥିଙ୍କୁ ଖୁସି କରିବାକୁ ବ୍ୟବହାର କରାଯିବା ସମୟରେ ଏହାର ମର୍ଯ୍ୟାଦା ରକ୍ଷା ନେଇ ଜଣାଯାଇଥିଲା କି ନାହିଁ ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଛନ୍ତି । ଏନେଇ ମହାପ୍ରଭୁଙ୍କ ନିଷ୍ପାପର ସେବକ ବିଶ୍ୱନାଥ ସାମନ୍ତରା କୁହନ୍ତି, ଆଗେ ଏସବୁ ବିକ୍ରୟ ହେଉ ନଥିଲା। ଏବେ ପାନ ଦୋକାନରେ ମିଳିଲା ଭଳି ଶହେ ଦେଢ଼ଶହ ଟଙ୍କାରେ ମିଳୁଛି । ଏଣୁ ବେଲଗାମ୍ ହୋଇଛି ମହାପ୍ରଭୁଙ୍କ ମହିମାକୁ ଅପମାନ। ଜଗନ୍ନାଥଙ୍କ ପ୍ରତୀକର ମର୍ଯ୍ୟାଦା ହାନି ନହେଉ। ଶ୍ରୀମନ୍ଦିର ପ୍ରଶାସନ ତଥା ଶ୍ରୀମନ୍ଦିର ପରିଚାଳନା କମିଟି ଏହା ଉପରେ ପଦକ୍ଷେପ ନେଉ ବୋଲି ଶ୍ରୀ ସାମନ୍ତରା ଦୃଢ଼ ଦାବି ଉପସ୍ଥାପନ କରିଛନ୍ତି।

# ଆଦିବାସୀ ପରମ୍ପରାର ସୁରକ୍ଷା ଉପରେ କେନ୍ଦ୍ରମନ୍ତ୍ରୀଙ୍କ ଗୁରୁତ୍ୱ

**ଭୁବନେଶ୍ୱର, ୦୮/୦୯ ନ୍ୟୁଜ ବ୍ୟୁରୋ**

ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ଅଧ୍ୟକ୍ଷ ଅନ୍ତର ସିଂ ଆର୍ଯ୍ୟ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ଅନୁସୂଚିତ ଜନଜାତିଙ୍କ ବିକାଶ ଓ କଲ୍ୟାଣ ସମ୍ପର୍କରେ ସମୀକ୍ଷା କରିଛନ୍ତି। ଶ୍ରୀ ଆର୍ଯ୍ୟ ସୋମବାର ପୁରୀ ଗସ୍ତ କରିଥିବା ବେଳେ ମଙ୍ଗଳବାର ଭୁବନେଶ୍ୱର ମହାନଗର ନିଗମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଉକ୍ତ ବୈଠକରେ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀମାନଙ୍କ ସହ ଭାବ ବିନିମୟ କରିବା ସହ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ । ଆଦିବାସୀ ପରମ୍ପରା ଅତ୍ୟନ୍ତ ପ୍ରାଚୀନ ଓ ନିର୍ଦ୍ଦିଷ୍ଟ ଅନୁଶାସନ ଆଧାରିତ ହୋଇଥିବାରୁ ଏହାର ସୁରକ୍ଷା ଓ ମୌଳିକତା ବଜାୟ ରଖିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏଥିସହ ଆଦିବାସୀ ଅଞ୍ଚଳର ଜମି ଓ ଜଙ୍ଗଲ ସୁରକ୍ଷା ଉପରେ ସେ ପ୍ରାଧାନ୍ୟ ଦେବା ସହ ବନ ରକ୍ଷା ସମିତି ଓ ବନ ଅଧିକାର ହିତାଧିକାରୀମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଅନୁରୂପ ଭାବେ ଖୋରଧା ଜିଲ୍ଲାରେ ଅନୁସୂଚିତ ଜନଜାତି କଲ୍ୟାଣ, ବିକାଶ ତଥା ଉନ୍ନୟନ ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଆୟୋଗଙ୍କୁ ସୂଚନା ପ୍ରଦାନ କରିଥିଲେ । ଅଧ୍ୟକ୍ଷ ଶ୍ରୀ ଆର୍ଯ୍ୟ ସମସ୍ତ କାର୍ଯ୍ୟର ସମୀକ୍ଷା କରିବା ସହ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଉପରେ ସନ୍ତୋଷ ବ୍ୟକ୍ତ କରିଥିଲେ। ଏହାପୂର୍ବରୁ ଏକ ପେଡ 'ମା କେ ନାମ' ଅଭିଯାନର ଅଂଶ ସ୍ୱରୂପ ବୃକ୍ଷ ରୋପଣ କରିବା ସହ ରକ୍ତଶିକୁଳି ସମ୍ପର୍କିତ ସ୍ୱାସ୍ଥ୍ୟ ଶିବିରରେ ଯୋଗ ଦେଇଥିଲେ। ଏଥିସହ ବିଭିନ୍ନ ଉଦ୍ୟୋଗ ଓ ସଂସ୍ଥାରେ କାର୍ଯ୍ୟରତ ଅନୁସୂଚିତ ଜନଜାତି ଅଧିକାରୀ ଓ କର୍ମଚାରୀମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିଥିଲେ । ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା, ଆୟୋଗଙ୍କ ନିର୍ଦ୍ଦେଶକ ପୁର୍ଣ୍ଣେନ୍ଦୁ କାନ୍ତ, ଖୋରଧା ବନଖଣ୍ଡ ଅଧିକାରୀ ଲାଡେ ଗଜାନନ ଦୟାନନ୍ଦ, ଖୋରାଧା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ଉପଜିଲ୍ଲାପାଳ ଡଃ ମନୋରଞ୍ଜନ ସାହୁ, ବିଏମସି ଅତିରିକ୍ତ କମିଶନରଙ୍କ ସସ୍ମିତା ନାୟକ, କୈଳାଶ ଚନ୍ଦ୍ର ଦାସ, ଜିଲ୍ଲା ମଙ୍ଗଳ ଅଧିକାରୀ ଗୀତାଂଶୁ ମୋହନ ଦାଶ, ରାଜ୍ୟ ତଥା ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଧ୍ୟାତ୍ମିକ ଗୁରୁ ସାଧ୍ୱୀ ରିତମ୍ଭରାଙ୍କ କିଟ୍ ଓ କିସ୍ ପରିଦର୍ଶନ



**ଭୁବନେଶ୍ୱର, ୮।୯ ନ୍ୟୁଜ ବ୍ୟୁରୋ**

ବିଶିଷ୍ଟ ଆଧ୍ୟାତ୍ମିକ ଗୁରୁ ସାଧ୍ୱୀ ରିତମ୍ଭରା ମଙ୍ଗଳବାର କିଟ୍ ଓ କିସ୍ ପରିଦର୍ଶନ କରି ଫେରିଯାଇଛନ୍ତି । ସେ କିଟ୍‌ର ସମସ୍ତ କ୍ୟାମ୍ପସ ବୁଲିବା ସହ କିସ୍‌ର ସମସ୍ତ ୟୁନିଟ୍ ପରିଦର୍ଶନ କରିଥିଲେ। କିସ୍ ପରିଦର୍ଶନ କରି ସେ ଆଶ୍ଚର୍ଯ୍ୟ ହେବା ସହ ଖୁସି ବ୍ୟକ୍ତ କରିଥିଲେ। ଏହି ଅବସରରେ କିସ୍ ଛାତ୍ରୀଙ୍କୁ ଆଶୀର୍ବଚନ ପ୍ରଦାନ କରି ସେ କହିଲେ ସେ ଶିକ୍ଷା କ୍ଷେତ୍ରରେ ବହୁଦିନ ଧରି କାର୍ଯ୍ୟ କରିଆସୁଛନ୍ତି । ମାତ୍ର ଶିକ୍ଷାବିତ୍ ଓ ସମାଜସେବୀ ଡ. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ କିସ୍ ଦେଶର ବହୁତ ବଡ଼ ଅନୁଷ୍ଠାନ। ସେ କହିଲେ, ମୁଁ ଏଠାକୁ ଆସି ଏତେ ଆନନ୍ଦିତ ଯେ ଏହାକୁ ପରିପ୍ରକାଶ କରିବା ପାଇଁ ମୋ ପାଖରେ ଶବ୍ଦ ନାହିଁ। କିସ୍ ହେଉଛି ସମସ୍ତ ତୀର୍ଥର ତୀର୍ଥତ୍ୱ ଓ ସବୁ ଦେବଙ୍କ ଦେବତ୍ୱ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟଧାରାର ପ୍ରଶଂସା କରି ସେ କହିଲେ, ଜଣେ ବ୍ୟକ୍ତିଙ୍କ ନିଷ୍ଠା ଓ ତପସ୍ୟାର ପ୍ରତିଫଳନ ହେଉଛି କିସ୍। ତପସ୍ୟା କ'ଣ, ପରିଶ୍ରମ କ'ଣ, ନିଷ୍ଠା କ'ଣ ତାହା ଆଜି ମୁଁ ଏଠି ଦେଖିବାକୁ ପାଇଲି। କିସ୍‌ରେ ପିଲାମାନଙ୍କ ଶୃଙ୍ଖଳା ଓ ସଂସ୍କାର ଦେଖି ମୁଁ ଅନୁଭବ କରୁଛି ଏହା ହିଁ ହେଉଛି ପ୍ରକୃତ ଭାରତ। ସେ କହିଲେ, କିସ୍‌ରେ ଛାତ୍ରଛାତ୍ରୀମାନେ ଗର୍ବ ଅନୁଭବ କରିବା ଉଚିତ। କାରଣ ସେମାନେ ଏଠାରେ ଡ. ଅଚ୍ୟୁତ ସାମନ୍ତଙ୍କ ତତ୍ତ୍ୱାବଧାନରେ ରହି ଶିକ୍ଷାଲାଭ କରୁଛନ୍ତି। ଅନ୍ୟକୁ ପରାମର୍ଶ ଅପେକ୍ଷା ସାହାଯ୍ୟର ହାତ ବଢ଼ାଇବା ଉଚିତ ବୋଲି ସେ କହିଥିଲେ। ଏଠାରେ ପିଲାମାନଙ୍କୁ କେବଳ ସ୍ୱାଭିମାନୀ ହେବାକୁ ଶିକ୍ଷା ଦିଆଯାଉନାହିଁ, ତା ସହିତ ସ୍ୱାବଲମ୍ବୀ ହେବାକୁ ମଧ୍ୟ ଶିକ୍ଷା ଦିଆଯାଉଛି। ଜଣେ ସ୍ୱାବଲମ୍ବୀ ହେଲେ ସ୍ୱାଭିମାନୀ ହୋଇପାରିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କିସ୍ କୁଳପତି ପ୍ରଫେସର ଶରଣଜିତ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଅଶୋକ ପାଣ୍ଡେ ଅତିଥି ପରିଚୟ ପ୍ରଦାନ କରିଥିଲେ।

**ଓଏମଭିଡ଼ି କନଷ୍ଟେବଲ ଆଶୁତୋଷ ହତ୍ୟା ମାମଲା**

# କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

**କଟକ, ୦୮/୦୯**
**ନ୍ୟୁଜ ବ୍ୟୁରୋ**

ଓଏମଭିଡ଼ି କନଷ୍ଟେବଲ ବ୍ରହ୍ମପୁରର ଆଶୁତୋଷ ମୃଦଙ୍ଗିଆ ହତ୍ୟା ମାମଲାର ତଦନ୍ତ କରିବ କ୍ରାଇମବ୍ରାଞ୍ଚ। ଓଡ଼ିଶା ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲର ଶୁଣାଣି ସମୟରେ ହାଇକୋର୍ଟ ପୋଲିସର ତଦନ୍ତ ପ୍ରକ୍ରିୟାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ । ମାମଲାର ନିରପେକ୍ଷ ତଦନ୍ତ ପାଇଁ ହାଇକୋର୍ଟ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେବା ପରେ, କ୍ରାଇମବ୍ରାଞ୍ଚ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି । ବ୍ରହ୍ମପୁର ପୋଲିସର ତଦନ୍ତରେ ଅସନ୍ତୋଷ ପ୍ରକାଶ କରି ଆଶୁତୋଷଙ୍କ ଭଉଣୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।



ଆଶୁତୋଷଙ୍କର ଦୁଇ ଥର ମୃତ୍ୟୁକାଳୀନ ଜମାନବନ୍ଦୀ ରେକର୍ଡ ହୋଇଥିଲା । ପତ୍ନୀ ସନ୍ଧ୍ୟା ନାୟକ ଓ ଶଳା ମିଶି ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ସେ ଅଭିଯୋଗ କରିଥିଲେ । ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ କ୍ରାଇମବ୍ରାଞ୍ଚ ତଦନ୍ତ ସମ୍ପର୍କରେ ନିଜର ପ୍ରତିକ୍ରିୟା ରଖିଛନ୍ତି କନଷ୍ଟେବଲ ଆଶୁତୋଷ ମୃଦଙ୍ଗିଆଙ୍କ ସାନ ଭଉଣୀ ନିବେଦିତା ଦେବୁ । ସେ ଘଟଣାକୁ ତିନି ମାସ ବିତି ଯାଇଥିଲେ ସୁଦ୍ଧା ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି । ନିବେଦିତା କହିଛନ୍ତି, 'ମୃତ୍ୟୁ କାଳୀନ ଜମାନବନ୍ଦୀରେ ପତ୍ନୀ ଏବଂ ଶଳା ହତ୍ୟା କରିଥିବା ଭାଇ କହିଥିଲେ ମଧ୍ୟ ତଦନ୍ତକାରୀ ପୋଲିସ ଅଧିକାରୀ କାହାରିକୁ ଗିରଫ କରିନଥିଲା । କ୍ରାଇମବ୍ରାଞ୍ଚକୁ ତଦନ୍ତ ଦିଆଯିବା ପରେ ଆଶା ଅଛି ନ୍ୟାୟ ମିଳିବ।' ଆଶୁତୋଷ ମୃଦଙ୍ଗିଆଙ୍କର ଗତ ଜୁନ ୧୨ ତାରିଖରେ ମୃତ୍ୟୁ ଘଟିଥିଲା। ପୋଡ଼ି ହୋଇ ୭ ଦିନ ଧରି ଭୁବନେଶ୍ୱର ଏମ୍ସରେ ସେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ ଆଶୁତୋଷଙ୍କ ଶରୀରର ୮୦ ପ୍ରତିଶତରୁ ଅଧିକ ଭାଗ ନିଆଁରେ ପୋଡ଼ି ଯାଇଥିଲା । ଯାହାକୁ ନେଇ ପ୍ରଥମେ ତାଙ୍କୁ ବ୍ରହ୍ମପୁର ଏମକେସିଜି ଏବଂ ପରେ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଶୁତୋଷ ଆଖି ବୁଜିଥିଲେ। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ୨୦୨୬ ଜୁନ ୫ ତାରିଖ ସନ୍ଧ୍ୟାରେ ଆଶୁତୋଷ, କନେଷ୍ଟବଳ ପତ୍ନୀ ସନ୍ଧ୍ୟା ନାୟକଙ୍କ ବ୍ରହ୍ମପୁର ବିଜିପୁର କ୍ୱାର୍ଟରକୁ ଯାଇଥିଲେ । ସେଠାରେ ତାଙ୍କୁ ପତ୍ନୀ ଓ ଶଳା ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ଆଶୁତୋଷ ମୃତ୍ୟୁକାଳୀନ ଜମାନବନ୍ଦୀରେ କହିଥିଲେ। ସୂଚନାଯୋଗ୍ୟ; ଆଶୁତୋଷଙ୍କର ଦୁଇ ଥର ମୃତ୍ୟୁକାଳୀନ ଜମାନବନ୍ଦୀ ରେକର୍ଡ ହୋଇଥିଲା । ପରେ ପୋଲିସ ବିଭିନ୍ନ ଦିଗରୁ ତଦନ୍ତ କରିବା ସହ ଆଶୁତୋଷଙ୍କ ପତ୍ନୀ ସନ୍ଧ୍ୟା ନାୟକ ଓ ତାଙ୍କ ଭାଇ ନାଁରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ।

**ଗୁପ୍ତ ଚାମ୍ବରରେ ଚାଲିଥିଲା ଚୋରାଚାଲାଣ**

# ଏକ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ଗଞ୍ଜେଇ ଜବତ, ଦୁଇ ଗିରଫ

**ସମ୍ବଲପୁର, ୮/୦୯**
**ନ୍ୟୁଜ ବ୍ୟୁରୋ**

ଉତ୍ତରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗକୁ ମିଳିଛି ବଡ ସଫଳତା । ସମ୍ବଲପୁର-ଝାରସୁଗୁଡା ରାସ୍ତାର ଶାସନ ଟୋଲ ଗେଟ୍ ନିକଟରେ ବିପୁଳ ପରିମାଣର ଗଞ୍ଜେଇ ବୋଝେଇ ଟ୍ରକ ଜବତ ହୋଇଛି । ସମ୍ବଲପୁର ଉତ୍ତରାଞ୍ଚଳ ଅବକାରୀ ଗୋଇନ୍ଦା



ବିଭାଗ ଦ୍ୱାରା ଏହା ଜବତ ହୋଇଥିବା ବେଳେ ୨ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ମଙ୍ଗଳବାର ସକାଳ ପ୍ରାୟ ୫ଟା ସମୟରେ ବରଗଡ଼ ସହରରୁ ମଧ୍ୟପ୍ରଦେଶକୁ ଏକ ଟ୍ରକ୍‌ରେ ପ୍ରାୟ ୪୮ଟି ପ୍ୟାକେଟରେ ୧୨ କ୍ୱିଣ୍ଟାଲ ଗଞ୍ଜେଇ ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏନେଇ ଅବକାରୀ ଗୋଇନ୍ଦା ବିଭାଗ ଶାସନ ଟୋଲ ଗେଟ ନିକଟରେ ଛକି ବସିଥିଲା। ଅଧିକାରୀମାନେ ଟ୍ରକ୍‌ଟିକୁ ଅଟକେଇବାକୁ ଚେଷ୍ଟା କରିବା ସମୟରେ, ଟ୍ରକଟି ଟୋଲ ଗେଟ ଭାଙ୍ଗି ଆଗକୁ ପଳାଇବାକୁ ଚେଷ୍ଟା କରିଥିଲା । ତେବେ ଟ୍ରକକୁ ଗୋଡେଇ ଗୋଡେଇ ଧରିଥିଲା ଅବକାରୀ ଗୋଇନ୍ଦା ବିଭାଗ । ଏନେଇ ସମ୍ବଲପୁର ଉତ୍ତରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗର ଡେପୁଟି ସୁପରିଟେଣ୍ଡେଣ୍ଟ ଦିଲ୍ଲୀପ କୁମାର ବେହେରା ସୂଚନା ଦେଇଛନ୍ତି । ଜବତ ଗଞ୍ଜେଇର ବଜାର ଦର ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ରହିଥିବା ଅବକାରୀ ବିଭାଗ କହିଛି। ଗଞ୍ଜେଇ ଚୋରାଚାଲାଣର ପର୍ଦ୍ଦାଫାସ ପାଇଁ ଗୋଇନ୍ଦା ବିଭାଗ ତରଫରୁ ତଦନ୍ତ ଜାରି ରହିଛି । ଗାଡିରେ ଥିବା ୨ ଜଣ ବ୍ୟକ୍ତିଙ୍କୁ ଅବକାରୀ ବିଭାଗ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ମଧ୍ୟପ୍ରଦେଶ ରିଭା ଅଞ୍ଚଳରର ରାକେଶ ଆଦିବାସୀ ଓ ଅରୁଣ କୋଲ । ଏହି ଘଟଣା ନେଇ କିଛି ଜାଣି ନାହାନ୍ତି ବୋଲି ଗିରଫ ଅଭିଯୁକ୍ତ ମାନେ କହିଛନ୍ତି। ମଧ୍ୟପ୍ରଦେଶରୁ ବସ୍ ଜରିଆରେ ସେମାନେ ବରଗଡ଼କୁ ଆସିଥିଲେ । ତାଙ୍କୁ ସେଠାରେ ଥିବା ଟ୍ରକକୁ ଆଣିବାକୁ କୁହାଯାଇଥିଲା ବୋଲି ଗିରଫ ୨ ବ୍ୟକ୍ତି କହିଛନ୍ତି ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୦୮/୦୯/୨୦୨୬
୫,୮୩,୬୩୭/- ଟଙ୍କା
ସୁନା:- ଶୂନ୍ୟ
ରୂପା:-ଶୂନ୍ୟ

# ସଡ଼କ ଦୁର୍ଘଟଣାରେ ପ୍ରାଣ ହାରିଲେ ମାମୁଁ-ଭଣଜା : ଅଳ୍ପକେ ବର୍ତ୍ତିଲେ ମାଇଁ

**କୋଟପାଡ଼, ୦୮/୦୯**
**ନ୍ୟୁଜ ବ୍ୟୁରୋ**

କୋରାପୁଟ ଜିଲ୍ଲା କୋଟପାଡ଼ ଥାନା ଅନ୍ତର୍ଗତ ଡଙ୍ଗରି ଗ୍ରାମ୍ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମାମୁଁ-ଭଣଜାଙ୍କ ପ୍ରାଣହାନି ଘଟିଛି । ଅଳ୍ପକେ ବର୍ତ୍ତୀ ଯାଇଛନ୍ତି ମାଇଁ । ସୂଚନା ପ୍ରକାରେ, ଢକ୍ଷମଣାହାଣ୍ଡି ପଞ୍ଚାୟତ ଅନ୍ତର୍ଗତ ଭୁର୍ଷି ଗ୍ରାମର ଲଛିମଧର ପୂଜାରୀ (୨୫)ତାଙ୍କ ପତ୍ନୀ ଦୟମତି ପୂଜାରୀ ଏବଂ ଭଣଜା ଶ୍ରୀ ପୂଜାରୀ (୪)ଙ୍କ ସହିତ ମୋଟର ସାଇକେଲରେ ଯାଉଥିବା ବେଳେ ଜାତୀୟ ରାଜପଥ -୬୩ ଡଙ୍ଗରି ଗ୍ରାମ ନିକଟରେ ସମ୍ମୁଖରୁ ଏକ ଅଜଣା ଗାଡ଼ି ଦ୍ରୁତଗତିରେ ଆସି ଏମାନଙ୍କୁ ଧକ୍କା ଦେଇଥିଲା । ଯାହା ଫଳରେ ଲଛିମଧର ଏବଂ ତାଙ୍କ ଭଣଜାଙ୍କ ମୁଣ୍ଡରେ ଗଭୀର ଆଘାତ ହୋଇଥିବା



ଯୋଗୁଁ ଉଭୟଙ୍କୁ କୋଟପାଡ଼ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ ।

ଅନ୍ୟପକ୍ଷରେ ଉତ୍ତ୍ୟକ୍ତ ଗ୍ରାମବାସୀ ଏବଂ ମୃତକଙ୍କ ପରିଜନ କ୍ଷତିପୂରଣ ଦାବିକରି ରାଜପଥକୁ ଦୁଇଘଣ୍ଟା ଅବରୋଧ କରିଥିଲେ । କୋଟପାଡ଼ ତହସିଲଦାର ଟ୍ୱିଙ୍କିଲ ସେଠୀ ଏବଂ ଆଡିସନାଲ ତହସିଲଦାର ପର୍ଶୁରାମ ଭତ୍ରା ଘଟଣା ସ୍ଥଳରେ ପହଞ୍ଚି ରେଡ଼କ୍ରସ ପାଣ୍ଠିରୁ ତିରିଶି ହଜାର ଟଙ୍କାର ଚେକ୍ ପ୍ରଦାନ କଲାପରେ ଏବଂ ସ୍ଥାନୀୟ ପୋଲିସ ଅଜଣା ଗାଡିକୁ ତଦନ୍ତ କରି ଧରି ଆଣିବାର ପ୍ରତିଶୃତି ଦେଲାପରେ ଲୋକେ ରାଜପଥ ଅବରୋଧରୁ ଓହରି ଯାଇଥିଲେ।

## ରାଜ୍ୟପାଳଙ୍କୁ ଭେଟିଲେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି

**ଭୁବନେଶ୍ୱର, ୦୮/୦୯**
**ନ୍ୟୁଜ ବ୍ୟୁରୋ**

ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦଙ୍କ ନେତୃତ୍ୱରେ ପି.ଜି. କାଉନସିଲ୍ ଅଧ୍ୟକ୍ଷ, କୁଳସଚିବ ଏବଂ ବିଶ୍ୱବିଦ୍ୟାଳୟର ଅନ୍ୟ ବରିଷ୍ଠ ଅଧ୍ୟାପକମାନେ ମଙ୍ଗଳବାର ଲୋକ ଭବନ ଆସି ଓଡ଼ିଶାର ରାଜ୍ୟପାଳ ଡ଼ଃ ହରି ବାବୁ କମ୍ଭମପାଟିଙ୍କୁ ସାକ୍ଷାତ କରିଥିଲେ।

ଏହି ଅବସରରେ ବିଶ୍ୱବିଦ୍ୟାଳୟର ସାମଗ୍ରିକ କାର୍ଯ୍ୟକଳାପ, ଶିକ୍ଷାଦାନ ଓ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରାଯାଇଥିଲା।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା ରବିବାସରୀୟ କଳିକା ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ୧୦୯ ବର୍ଷ ପରେ ରେଭେନ୍ସା ବିଦ୍ୟାଳୟକୁ ମିଳିବ ଜମି ମାଲିକାନା

**କଟକ, ୦୮/୦୯ ନ୍ୟୁଜ ବ୍ୟୁରୋ**

କଟକର ଐତିହାସିକ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ଦିଗରେ ଏକ ବଡ଼ ପଦକ୍ଷେପ ନିଆଯାଇଛି । ୟୁନିଟ୍-୧୪ ନୟାସଡ଼କ ମୌଜାର ଯେଉଁ ୬.୪୮୩ ଏକର ସରକାରୀ ଜମିରେ ରେଭେନ୍ସା ବାଳିକା ଉଚ୍ଚବିଦ୍ୟାଳୟ ରହିଛି ଉକ୍ତ ଜମିର ମାଲିକାନା ସ୍କୁଲ୍‌କୁ ପ୍ରଦାନ କରାଯିବ। ସରକାରୀ ପ୍ରକ୍ରିୟା ଅନୁସାରେ, ପୂର୍ତ୍ତ ବିଭାଗ ମାଲିକାନାରେ ଥିବା ଏହି ଜମି ପ୍ରଥମେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ପ୍ରଦାନ କରାଯିବ । ପରବର୍ତ୍ତୀ ସମୟରେ ଏହି ଜମିକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟ ନାଁରେ ହସ୍ତାନ୍ତର କରାଯିବ। ଜମି ମାଲିକାନା ମିଳିବା ଦ୍ୱାରା ଦେଢ଼ଶହ ବର୍ଷର ଏହି ବିଦ୍ୟାଳୟର ଭିତ୍ତିଭୂମି ବିକାଶରେ ଆଉ ବାଧା ରହିବ ନାହିଁ ବୋଲି ଆଶା କରାଯାଉଛି। ୧୮୬୯ ମସିହାରେ ଅବିନାଶ ଚାଟାର୍ଜୀଙ୍କ ଉଦ୍ୟମରେ ତାଙ୍କ କାଳୀଗଳି ସ୍ଥିତ ବାସଭବନର ଦାଣ୍ଡଘରେ ମାତ୍ର ୬ଜଣ ଛାତ୍ରୀଙ୍କୁ ନେଇ କଟକ ହିନ୍ଦୁ ବାଳିକା ବିଦ୍ୟାଳୟ ସ୍ଥାପନ କରାଯାଇଥିଲା । ପରେ ତତ୍କାଳୀନ କମିଶନର



ଟି.ଇ.ରେଭେନ୍ସାଙ୍କ ନାମ ଅନୁସାରେ ସ୍କୁଲର ନାଁ 'ରେଭେନ୍ସା ବାଳିକା ବିଦ୍ୟାଳୟ' ରଖାଗଲା । ୧୮୭୩ ମସିହାରେ ଉକ୍ତ ବିଦ୍ୟାଳୟଟି ସରକାରୀ ସ୍ୱୀକୃତି ଲାଭ କରିଥିଲା। ବିଦ୍ୟାଳୟକୁ ମାସିକ ୧୫ଟଙ୍କା ସରକାରୀ ସାହାଯ୍ୟ ପ୍ରଦାନ କରାଗଲା। ୧୯୧୭ ମସିହା ଜାନୁୟାରୀ ୬ତାରିଖରେ ଚୌଧୁରୀ ବଜାର ସ୍ଥିତ ଗୌରୀଶଙ୍କର ପାର୍କ ସମ୍ମୁଖରେ ଥିବା ଜମିରେ ଏହି ସ୍କୁଲ ପ୍ରତିଷ୍ଠା କରାଗଲା। ସେବେଠାରୁ ଅର୍ଥାତ୍ ଦୀର୍ଘ ୧୦୯ ବର୍ଷ ହେଲାଣି ଏହି ଜମି ସ୍କୁଲ୍ ନାଁରେ ନଥିଲା । ଜମିର ମାଲିକାନା ସ୍କୁଲ୍ ପ୍ରଦାନ କରିବା ପାଇଁ ପୂର୍ବରୁ ବହୁବାର ଉଦ୍ୟମ ହୋଇଥିଲେ ମଧ୍ୟ ଏହା ସଫଳ ହୋଇନଥିଲା । ତେବେ ଏବେ ସରକାରୀ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ୧୦୯ ବର୍ଷ ପରେ ଏହି ଜମି ସ୍କୁଲ୍ ନାଁକୁ ଆସିବାକୁ ଯାଉଛି । ଶୈଳବାଳା ଦାସ (ବିଲାତରୁ ଶିକ୍ଷାଲାଭ କରିଥିବା ପ୍ରଥମ ମହିଳା), ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତ, ପ୍ରସିଦ୍ଧ ନାରୀକବି ବିଦ୍ୟୁତପ୍ରଭା ଦେବୀ, ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ, ସ୍ୱନାମଧନ୍ୟା ଚିକିତ୍ସିକା ଡାକ୍ତର ନିରୂପମା ରଥ, ବିଶିଷ୍ଟ ଲେଖିକା ମନୋରମା ମହାପାତ୍ର, ପ୍ରଖ୍ୟାତ ନୃତ୍ୟଶିଳ୍ପୀ ପ୍ରିୟମ୍ବଦା ମହାନ୍ତି ହେଜମାଡି, ଶାସ୍ତ୍ରୀୟ ସଂଗୀତ କଣ୍ଠଶିଳ୍ପୀ ସୁନନ୍ଦା ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ଶାସ୍ତ୍ରୀୟ ସଂଗୀତ କଣ୍ଠଶିଳ୍ପୀ ଶ୍ୟାମାମଣୀ ଦେବୀ, ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶିକା ଜୟନ୍ତୀ ରଥଙ୍କ ଭଳି ବହୁ ଖ୍ୟାତନାମା ବ୍ୟକ୍ତିତ୍ୱ ରେଭେନ୍ସା ବାଳିକା ବିଦ୍ୟାଳୟରୁ ଶିକ୍ଷା ଲାଭ କରିଛନ୍ତି । ୨୦୨୩ ମସିହାରେ ସ୍କୁଲ୍ ୧୫୦ତମ ପୂର୍ତ୍ତି ଉତ୍ସବ ପାଳନ କରିଥିଲା । ତତ୍କାଳୀନ ସରକାର ଏହାର ବିକାଶ ପାଇଁ ଯୋଜନା କରିଥିଲେ। ସେହିପରି ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ସ୍କୁଲ୍ ପାଇଁ ୮୯.୬୧ କୋଟି ଟଙ୍କାର ଅନୁଦାନ ଘୋଷଣା କରିଥିଲେ । କିନ୍ତୁ ଏହି ସର୍ବପୁରାତନ ବାଳିକା ସ୍କୁଲ୍ ନାମରେ ଜମି ନଥିବାରୁ ପ୍ରକଳ୍ପ କାର୍ଯ୍ୟ ପ୍ରଭାବିତ ହେଉଥିଲା । କିନ୍ତୁ ଏବେ ଜମି ସମସ୍ୟା ଦୂର ହେବାକୁ ଯାଉଛି । ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଖାତା ନମ୍ବର ୧୪୫୭ରେ ରେକର୍ଡଭୁକ୍ତ ଏହି ଜମି ବର୍ତ୍ତମାନ ପୂର୍ତ୍ତ ବିଭାଗ ନାମରେ ରହିଛି । ଏହି ଜମିକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଦେବା ପାଇଁ ଅନୁମୋଦନ ମିଳିଛି । ଏହି ଜମି ହସ୍ତାନ୍ତର ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟର ଭବିଷ୍ୟତ ବିକାଶ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ହେବ। ଏହି ଶିକ୍ଷାନୁଷ୍ଠାନ ପାଇଁ ପର୍ଯ୍ୟାପ୍ତ ଜମି ଉପଲବ୍ଧ ହେବା ଦ୍ୱାରା ଶିକ୍ଷାଦାନ ଭିତ୍ତିଭୂମିର ବିସ୍ତାର, ଛାତ୍ରୀଙ୍କ ପାଇଁ ଆବଶ୍ୟକ ସୁବିଧା ବିକାଶ, ଖେଳପଡ଼ିଆ ଓ ଅନ୍ୟାନ୍ୟ ଶିକ୍ଷା ସମ୍ପର୍କିତ ଆବଶ୍ୟକତା ପୂରଣରେ ସୁଯୋଗ ସୃଷ୍ଟି ହୋଇପାରିବ। ତେବେ ଜମିର ବିଧିବଦ୍ଧ ହସ୍ତାନ୍ତର ପରେ ଏହାର ବ୍ୟବହାର ଓ ବିକାଶ ଯୋଜନା କିପରି କାର୍ଯ୍ୟକାରୀ ହେବ, ତାହା ଉପରେ ଏବେ ନଜର ରହିଛି ।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com